PATANJALI®

# ପତଞ୍ଜଳି "ଦେଶର ସବୁଠାରୁ ବଡ଼ ବ୍ରାଣ୍ଡ" ରେ ପରିଣତ ହେବାର କାହାଣୀ

पतंजलि®

ପୂଜନୀୟ ସ୍ୱାମୀ ରାମଦେବ ଜୀ ଏବଂ ଆଚାର୍ଯ୍ୟ ଶ୍ରୀ ବାଳକୃଷ୍ଣ ଜୀଙ୍କ ତିନି ଦଶକରୁ ଅଧିକ ସମୟ ଧରି ଅନବରତ ଭାବେ ପୁରୁଷାର୍ଥ, ତପସ୍ୟା ଓ ଅଟଳ ସଙ୍କଳ୍ପ ବଳରେ ପତଞ୍ଜଳି ଭାରତର ଘରେ ଘରେ ନିଜର ଉପସ୍ଥିତି ଜାହିର କରିପାରିଛି ଏବଂ କୋଟି କୋଟି ଦେଶବାସୀଙ୍କ ହୃଦୟ ଜିଣିଛି । ଯୋଗ ଓ ଆୟୁର୍ବେଦ, ଯାହା କେବେ କେବଳ ଗୁମ୍ଫା ଓ ଗୁରୁକୁଳ ପର୍ଯ୍ୟନ୍ତ ସୀମିତ ଥିଲା, ତାହାକୁ ପତଞ୍ଜଳି ଜନଗଣଙ୍କ ନିକଟରେ ପହଞ୍ଚାଇବାର ଐତିହାସିକ କାର୍ଯ୍ୟ କରିଛି । ଜନମାନସର ଆବଶ୍ୟକତା ଏବଂ ଆଗ୍ରହ ଅନୁରୂପ ଔଷଧଗୁଡ଼ିକ ସହିତ ଦୈନିକ ଜୀବନରେ ଉପଯୋଗୀ ବସ୍ତୁଗୁଡ଼ିକର ନିର୍ମାଣ କରିଛି ଏବଂ ଏହିଭଳି ଭାବେ ପତଞ୍ଜଳି ସ୍ୱଦେଶୀ ଚେତନାକୁ ପ୍ରବଳ କରିଛି । ପାଖାପାଖି ପାଞ୍ଚ ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ମିଳିଛି । ଏକ କୋଟିରୁ ଅଧିକ ଦୋକାନ ପର୍ଯ୍ୟନ୍ତ ସ୍ୱଦେଶୀ ସେବାର ବ୍ୟାପକ ବିସ୍ତାର ହୋଇଛି । 100 କୋଟି ଭାରତୀୟଙ୍କ ସମର୍ଥନ ଏବଂ 1 କୋଟିରୁ ଅଧିକ କର୍ମକର୍ତ୍ତାଙ୍କ ନିଃସ୍ୱାର୍ଥପର ସେବା ପାଇଁ ଆମେ କୃତଜ୍ଞ ।

**5000ରୁ ଅଧିକ ଉତ୍ପାଦ ସହ ସ୍ୱଦେଶୀ ସଙ୍କଳ୍ପ:** ପାଖାପାଖି ପାଞ୍ଚ ହଜାରରୁ ଅଧିକ ଦୈନିକ ବ୍ୟବହାର୍ଯ୍ୟ ବସ୍ତୁ, ପଶୁ ଆହାର, ଔଷଧ ତଥା ଜୀବନୋପଯୋଗୀ ଉତ୍ପାଦ ଦେଶବାସୀଙ୍କ ପାଇଁ ଉପଲବ୍ଧ କରାଯାଇଛି । ରୋଜଗାର ସୃଜନ ସହ ପାଖାପାଖି ଏକ କୋଟି ପ୍ରଶିକ୍ଷିତ କର୍ମକର୍ତ୍ତା ନିଃଶୁଳ୍କ ଓ ନିଃସ୍ୱାର୍ଥପର ଭାବନା ସହ ସେବା କାର୍ଯ୍ୟରେ ସମର୍ପିତ । ଏହି ଅନବରତ ପ୍ରୟାସ ଓ ସଙ୍କଳ୍ପର ପରିଣାମସ୍ୱରୂପ ଆଜି ପତଞ୍ଜଳି ସମୂହର ବାର୍ଷିକ ଟର୍ନଓଭର ପାଖାପାଖି 50,000 କୋଟି ପର୍ଯ୍ୟନ୍ତ ପହଞ୍ଚିଯାଇଛି ।

**ଅର୍ଥରୁ ପରମାର୍ଥ ଓ ରାଷ୍ଟ୍ରସେବା (Prosperity for Charity):** PFLକୁ ମିଳୁଥିବା ସମ୍ପୂର୍ଣ୍ଣ ଲାଭ, ପତଞ୍ଜଳି ଗୁରୁକୁଳମ୍, ଭାରତୀୟ ଶିକ୍ଷା ବୋର୍ଡ, ଆଚାର୍ଯ୍ୟକୁଳମ୍, ପତଞ୍ଜଳି ବିଶ୍ୱବିଦ୍ୟାଳୟ, ରିସର୍ଚ୍ଚ ଫାଉଣ୍ଡେସନ୍, ଚିକିତ୍ସା, ଶିକ୍ଷା, ବୃକ୍ଷରୋପଣ, ସନାତନ ଧର୍ମ ଓ ଭାରତ ମାତାଙ୍କ ସେବାରେ ସମ୍ପୂର୍ଣ୍ଣ ସମର୍ପିତ କରାଯାଏ । ଏଭଳି ଲାଭର 100% ଭାଗ ନିଃସ୍ୱାର୍ଥ ଦାନକାର୍ଯ୍ୟ ଏବଂ ରାଷ୍ଟ୍ରସେବା କାର୍ଯ୍ୟରେ ଲଗାଯାଇଥାଏ । ପୂଜନୀୟ ସ୍ୱାମୀ ରାମଦେବ ଜୀଙ୍କ ସଙ୍କଳ୍ପ ହେଉଛି ନିଜ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆମେ ପବିତ୍ରତା ଓ ପ୍ରାମାଣିକତା ସହିତ ଭାରତ ମାତାଙ୍କ ସେବା କରିବା ତଥା ଏକ ସୁସ୍ଥ, ସମୃଦ୍ଧ ଓ ପରମ ବୈଭବଶାଳୀ ଭାରତର ନିର୍ମାଣରେ ନିଜର ଯୋଗଦାନ ଦେବା । ପୂଜନୀୟ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ଅନେକ ବର୍ଷ ଧରି ବିଶ୍ୱର ଶୀର୍ଷ 2% ବୈଜ୍ଞାନିକ ଏବଂ ଗବେଷକଙ୍କ ଶ୍ରେଣୀରେ ପରିଗଣିତ ହୋଇଆସୁଛନ୍ତି । ତାଙ୍କ ଦୂରଦୃଷ୍ଟି କାରଣରୁ ପତଞ୍ଜଳି ବିଜ୍ଞାନ, ଗବେଷଣା ଓ ସ୍ୱଦେଶୀ ନବାଚାର ମାଧ୍ୟମରେ ବୈଶ୍ୱିକ ମାନଚିତ୍ରରେ ଅଗ୍ରଣୀ ବ୍ରାଣ୍ଡ ଭାବେ ଉଭା ହୋଇଛି । ଯୋଗ, ଆୟୁର୍ବେଦ, ସ୍ୱଦେଶୀ, ସନାତନ ଧର୍ମର ସେବାରେ ଆଜି ପତଞ୍ଜଳି ଭାରତର ସର୍ବଶ୍ରେଷ୍ଠ ଅନୁଷ୍ଠାନ ଭାବେ କାର୍ଯ୍ୟରତ ।



ଉଚ୍ଚ ବି.ପି.କୁ ପ୍ରାକୃତିକ ରୂପେ ନିର୍ମୂଳ କରିବା ପାଇଁ



ଡାଇବେଟିସ୍‌କୁ ରିଭର୍ସ କରିବାରେ ଲାଭଦାୟକ



ବାତରୋଗ, ଆର୍ଥ୍ରାଇଟିସ୍, RA, CRP, AVN, ANA, HLA-B27 ଆଦି ପାଇଁ



ବ୍ରୋଙ୍କାଇଟିସ୍, ଆଜ୍‌ମା, କଫ, ଥଣ୍ଡା ପାଇଁ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ



ବ୍ରେନ୍, ନର୍ଭସ୍ ସିଷ୍ଟମ୍ ଓ ମେମୋରୀ ପାଇଁ ସର୍ବଶ୍ରେଷ୍ଠ ଔଷଧ



ଇମ୍ୟୁନିଟି ପାଇଁ ସର୍ବଶ୍ରେଷ୍ଠ ଔଷଧ



କିଡ୍‌ନୀ ସମସ୍ୟାକୁ ରିଭର୍ସ କରିବା ପାଇଁ



ଫ୍ୟାଟି ଲିଭର, ଲିଭର ସିରୋସିସ୍, ହେପାଟାଇଟିସ୍ ଆଦିକୁ ରିଭର୍ସ କରିବା ପାଇଁ



ବର୍ଜନ କରନ୍ତୁ – କେମିକାଲ୍ ଓ ପ୍ରାଣୀ ଆଧାରିତ ପ୍ରଡକ୍ଟଗୁଡ଼ିକୁ ଏବଂ ନ୍ୟୁଟ୍ରେଲା ନାଚୁରାଲ୍ ଅର୍ଗାନିକ୍ ପ୍ରୋଟିନ୍, ଭିଟାମିନ୍ସ, ଓମେଗା ଆଦି ଆପଣାନ୍ତୁ



ମେଦବହୁଳତା ପାଇଁ ଅବ୍ୟର୍ଥ ଔଷଧ



କୋଲେଷ୍ଟରଲ୍ ପାଇଁ



ଥାଇରଏଡ୍ ପାଇଁ

ଚିକିତ୍ସା ପରାମର୍ଶ ପାଇଁ ଆପଣଙ୍କ ନିକଟତମ ପତଞ୍ଜଳି ଚିକିତ୍ସାଳୟ ନିଶ୍ଚୟ ପରିଦର୍ଶନ କରନ୍ତୁ ।

5000 ପତଞ୍ଜଳି ଏକ୍ସକ୍ଲୁସିଭ୍ ଷ୍ଟୋର୍ସର ଲୋକେଶନ୍ ଠିକଣା ଜାଣିବା ପାଇଁ ଗୁଗଲ୍‌ରେ ସର୍ଚ୍ଚ କରନ୍ତୁ ।

ଗୋଟିଏ କଲ୍‌ରେ ସବୁ ସମସ୍ୟାର ଘରେ ବସି ନିଃଶୁଳ୍କ ସମାଧାନ କରିବା ପାଇଁ କଲ୍ କରନ୍ତୁ – **1800 296 1111**
ତଥା ପତଞ୍ଜଳିର ସମସ୍ତ ସେବା ସମ୍ପର୍କରେ ସୂଚନା ପାଇଁ **8954 555 999** ରେ କଲ୍ କରନ୍ତୁ

ଘରେ ବସି ପତଞ୍ଜଳି ପ୍ରଡକ୍ଟସ୍ ଅନ୍‌ଲାଇନ୍ ଅର୍ଡର କରିବା ପାଇଁ ଅର୍ଡର ମି ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।

ଡାଉନଲୋଡ୍ କରନ୍ତୁ

ORDER ME

ପତଞ୍ଜଳି ଏକ୍ସକ୍ଲୁସିଭ୍ ଷ୍ଟୋର୍‌ରେ ରିହାତି ପାଇବା ଓ ତା' ସହିତ 15 ଲକ୍ଷର ବୀମାର ଲାଭ ଉଠାଇବା ପାଇଁ ପତଞ୍ଜଳି ସ୍ୱଦେଶୀ ସମୃଦ୍ଧି କାର୍ଡ ହାସଲ କରନ୍ତୁ । କାର୍ଡ ସଦସ୍ୟ ହେବା ପାଇଁ ଆପଣଙ୍କ ନିକଟତମ ପତଞ୍ଜଳି ଷ୍ଟୋର୍ ସହ ସମ୍ପର୍କ କରନ୍ତୁ ।




PATANJALI® wellness
Yoga, Ayurveda & Naturopathy

ସମସ୍ତ ଅସାଧ୍ୟ ରୋଗରୁ ସ୍ଥାୟୀ ମୁକ୍ତି ପାଇବା ପାଇଁ ଥରେ 7 ଦିନ ପତଞ୍ଜଳି ୱେଲନେସ୍‌ରେ ରେସିଡେନ୍ସିଆଲ ଯୋଗ, ଆୟୁର୍ବେଦ ଓ ପଞ୍ଚକର୍ମ ଆଦିର ଚିକିତ୍ସା ପାଇଁ ନିଶ୍ଚୟ ଆସନ୍ତୁ । ରେଜିଷ୍ଟ୍ରେଶନ ପାଇଁ ଯୋଗାଯୋଗ କରନ୍ତୁ: **8954666222, 8954666333**

ପାଖାପାଖି 1 କୋଟି ଷ୍ଟୋର୍ସରେ ପତଞ୍ଜଳିର ପ୍ରଡକ୍ଟସ୍ ଉପଲବ୍ଧ । ତଥାପି ଯଦି କୌଣସି ପ୍ରଡକ୍ଟ ଷ୍ଟୋର୍‌ରେ ମିଳୁନାହିଁ ତେବେ ଆପଣ ଦୋକାନୀଙ୍କୁ ସେହି ପ୍ରଡକ୍ଟ ପାଇଁ ଦାବି କରନ୍ତୁ, ସେ ତାହାକୁ ଉପଲବ୍ଧ କରାଇବେ ।




ଭାରତ ଏକ ଋଷି ଓ କୃଷି ପ୍ରଧାନ ଦେଶ ଅଟେ । ତେଣୁ ଉତ୍କୃଷ୍ଟ ଶ୍ରେଣୀର ପଶୁ ଆହାର ଏବଂ ଫୁଡ୍ ସପ୍ଲିମେଣ୍ଟସ ।

ପତଞ୍ଜଳି ପଶୁ ଆହାର



ପତଞ୍ଜଳି ମସଲା, ପାମ୍ପଡ଼, ଦଲିଆ, କ୍ୟାଣ୍ଡି, ମୁରବା, ନମ୍‌କିନ୍ ଓ ପାଚକ




ଦ୍ରଷ୍ଟବ୍ୟ– ପତଞ୍ଜଳିର ମଲ୍ଟିଗ୍ରେନ୍ ଅଟା ଓ କେତୋଟି ବିଶେଷ 1 ହଜାର ପ୍ରଡକ୍ଟସ୍ କେବଳ ପତଞ୍ଜଳି ଏକ୍ସକ୍ଲୁସିଭ୍ ଷ୍ଟୋର୍ସରେ ହିଁ ମିଳିଥାଏ ।

ପତଞ୍ଜଳିର ଅଟା ରେଞ୍ଜ ଏବଂ ପତଞ୍ଜଳି ଚାଉଳ ରେଞ୍ଜ



ଦିଲ୍ଲୀ ଏନ୍‌ସିଆର୍, ଉତ୍ତରାଖଣ୍ଡ, ରାଜସ୍ଥାନ ଓ ମହାରାଷ୍ଟ୍ରରେ ପତଞ୍ଜଳିର ଡେୟରୀ ପ୍ରଡକ୍ଟସ୍ ଉପଲବ୍ଧ ।



ପତଞ୍ଜଳି ହେଲ୍‌ଦି ଏବଂ ନ୍ୟୁଟ୍ରିସନାଲ ଫୁଡ୍ ପ୍ରଡକ୍ଟସ୍, ପାଓ୍ୱର ଭିଟା, କେଶର ଓ ଡ୍ରାଏ ଫ୍ରୁଟ୍‌ସ, ଆଚାର, ଜାମ୍ ଓ ସସ୍, ପୋହା, ସୁଜି, ବେସନ, ସିମେଇ



ସୁଇଟ୍ସ ଓ ସ୍ନାକ୍ସ




ମାଇଗ୍ରେନ୍ ଯନ୍ତ୍ରଣା, ମସ୍ତିଷ୍କ ଆଦି ପାଇଁ ସର୍ବଶ୍ରେଷ୍ଠ ପତଞ୍ଜଳି ବାଦାମ ରୋଗନ ଓ ବାଦାମ ପାକ



ବାଦାମ ରୋଗନ ଓ ବାଦାମ ପାକ, ଏନର୍ଜି ବାର୍ ଏବଂ ଇଷ୍ଟର୍ନ ମିକ୍ସ



ମହାକୋଶ, ସନରିଚ୍, ରୁଚି ଗୋଲ୍ଡ ଦେଶର ନଂ. 1 ପାମ୍ ଅଏଲ୍ ବ୍ରାଣ୍ଡ ଏବଂ ନ୍ୟୁଟ୍ରେଲା ଅଏଲ୍ ରେଞ୍ଜ୍



ଧୂପ-ଅଗରବତୀ ନାଁରେ ଅତି ଭୟଙ୍କର ଅପମିଶ୍ରଣ ରହିଥାଏ ଏବଂ 100% ପବିତ୍ରତା ବାଉଁଶମୁକ୍ତ ଅଗରବତୀ, ଭୀମସେନୀ କର୍ପୂର, ଶୁଦ୍ଧତମ ତିଳ ତେଲ, ହୋମ ସାମଗ୍ରୀ ଆଦିରୁ ନିଜ ଇଷ୍ଟଙ୍କ ପୂଜା କରନ୍ତୁ ।

## ଗୋଚାଲାଣ ପିକ୍‌ଅପ୍‌କୁ ଧରି ପୋଲିସ ଜିମା

ପାଣିକୋଇଲି, (ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ନୂଆପଦା ଗ୍ରାମ ନିକଟରେ ବେଆଇନ ଭାବେ ପିକ୍‌ଅପ୍‌ରେ ୨ ଗୋରୁ ଚାଲାଣ ବେଳେ ଲୋକମାନେ ଧରି ପୋଲିସ ଜିମା ଶନିବାର ଦେଇଛନ୍ତି। ଚାଳକଙ୍କ କହିବା ମୁତାବକ, ୨ ଗୋରୁ ବୋଝେଇ କରି ଏକ ପିକ୍‌ଅପ୍ ଅଡଶପୁରରୁ ବାରିପଦା ଯାଉଥିଲା। ଏହି ଗାଡିଟିକୁ ସନ୍ଦେହ କରି ସ୍ଥାନୀୟ ଅଧିବାସୀ ଅଟକାଇବା ସହ କାଗଜପତ୍ର ନ ଥିବାରୁ ପୋଲିସ ଡାକି ଜିମା ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପିକ୍‌ଅପ୍ ନଂ. ଓଡି୦୫ଏଏଲ ୦୧୫୧କୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି।

# ବିଜେଡି ଛାଡୁଛନ୍ତି ପଞ୍ଚାୟତ ପ୍ରତିନିଧି

ଯାଜପୁର/ ଯାଜପୁରରୋଡ୍, ୨୮।୧
(ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତ)



ବିଧାୟକ ଆକାଶ ଦାସନାୟକଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

ଯାଜପୁର ଲୋକ ସଭା ଆସନର ୨୦୨୪ ନିର୍ବାଚନ ଫଳାଫଳକୁ ଅବଲୋକନ କଲେ ଭାଜପା ଓ ବିଜେଡି ମଧ୍ୟରେ ହାରଜିତ ବ୍ୟବଧାନ ମାତ୍ର ୦.୧୪% ରହିଥିଲା। ଭାଜପା ଏହି ଆସନ ସମେତ ଜିଲାର ୩ ବିଧାନସଭା ଆସନ (କୋରେଇ, ସୁକିନ୍ଦା ଓ ବଡ଼ଚଣା)କୁ ଅକ୍ତିଆର କରିନେଇଛି। ସେହିପରି ଭାଜପା ଟିକେଟରୁ ବଞ୍ଚିତ ହୋଇ ସ୍ୱାଧୀନ ଭାବେ ଲଢ଼ି ଧର୍ମଶାଳା ଆସନରୁ ବିଜୟୀ ହୋଇଥିବା ହିମାଂଶୁ ଶେଖର ସାହୁ ଫଳ ପ୍ରକାଶ ପରେ ଭାଜପାରେ ସାମିଲ ହୋଇଯାଇଥିଲେ। ଏଭଳିସ୍ଥଳେ ୨୦୨୭ରେ ହେବାକୁଥିବା ଜିଲା ପରିଷଦ ନିର୍ବାଚନରେ କିଭଳି ଭୋଟ ହାର ବୃଦ୍ଧି ପାଇବ ସେନେଇ ଉଭୟ ଦଳର ନେତୃବର୍ଗ ଏବେଠୁ ଉଦ୍ୟମ ଆରମ୍ଭ କରିଦେଲେଣି। ଭାଜପା ତା'ର ୨୦ ମାସର ବିଭିନ୍ନ ଲୋକହିତକର ଯୋଜନାର ସଫଳତାକୁ ଆଧାର କରି ସଭାସମିତି ଓ ମିଶ୍ରଣ ପର୍ବ କରୁଥିବାବେଳେ ଭାଜପାର ବିଫଳତାକୁ ନେଇ ବିଜେଡି ଲୋକଙ୍କ ପାଖକୁ ଯାଉଥିବା ଦେଖିବାକୁ ମିଳୁଛି। ଏହିକ୍ରମରେ ଆଗାମୀ ଜିଲା ପରିଷଦ ନିର୍ବାଚନରେ ଯେଉଁ ଦଳ ଯେତେ ଭୋଟ ପାଇବ ୨୦୨୯ ସାଧାରଣ ନିର୍ବାଚନ ପାଇଁ ତାହା ଦଳକୁ ସୁଦୃଢ଼ କରିବାରେ ସହାୟକ ହେବ। ହେଲେ ଏବେ ଯେଉଁ ଅନୁପାତରେ ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧି, ଜିଲା ପରିଷଦ ସଭ୍ୟାସଭ୍ୟ ପ୍ରମୁଖ ଭାଜପାରେ ମିଶୁଛନ୍ତି, ସେଥିରୁ ବିଜେଡି ଦୋହଲିଯାଉଛି ବୋଲି ଜିଲାରେ ଚର୍ଚ୍ଚା ହେଉଛି।

କିଛି ମାସ ହେବ ଶତାଧିକ କର୍ମୀ ଏବଂ ପ୍ରତିନିଧି କୋରେଇ ଭାଜପାରେ ସାମିଲ ହୋଇଥିବାବେଳେ ଶନିବାର ବ୍ୟାସନଗରସ୍ଥିତ ବିଧାୟକ ଆକାଶ ଦାସନାୟକଙ୍କ ବାସଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ଶଶିଭୂଷଣ ସାହୁ, ପ୍ରକାଶ ସାହୁଙ୍କ ନେତୃତ୍ୱରେ କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ ବଡ଼କଇଁଚି ପଞ୍ଚାୟତର ବିଜେଡିର ଶତାଧିକ ଆଗଧାଡିର କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ବିଧାୟକ ଆକାଶ ସମସ୍ତ ଆଗନ୍ତୁକ ପଞ୍ଚାୟତ ପ୍ରତିନିଧି ଓ କର୍ମୀଙ୍କୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତ୍ତରୀୟ ପକାଇ ଦଳରେ ସାମିଲ କରାଇଛନ୍ତି। କୋରେଇ ଭାଜପା ଆହୁରି ଶକ୍ତିଶାଳୀ ହେଲା ଏବଂ ରସୁଲପୁର ବ୍ଲକ ସହିତ ବଡ଼କଇଁଚି ପଞ୍ଚାୟତରେ ଭାଜପାର ସ୍ଥିତି ସୁଦୃଢ଼ ହେଲା ବୋଲି ବିଧାୟକ କହିବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବଡ଼କଇଁଚି ପଞ୍ଚାୟତର ସମିତି ସଭ୍ୟ ସୌମ୍ୟରଞ୍ଜନ ରାଉତ, ପୂର୍ବତନ ସରପଞ୍ଚ ଗିରିଜା ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, କେଶବ ସାହୁ, ସୁଶାନ୍ତ କୁମାର ମଲ୍ଲିକ, ଆଲୋକ ପହି, ପ୍ରଶାନ୍ତ ତରାଇ, ଅଶାନ୍ତ ତରାଇ, ପ୍ରଭାକର ମଲ୍ଲିକ, ଦୀପକ ପହି, ତପନ ଦ୍ୱିବେଦୀ, ପ୍ରଫୁଲ୍ଲ ସାହୁ, ରାକେଶ ତରାଇ, ରାଜେଶ ଘଡେଇ, ବାବୁ ମଲ୍ଲିକ, କାଳିଆ ତରାଇ, ଚକ୍ରଧର ସାହୁ, ବିକାଶ ତରାଇ, ଜିତେନ୍ଦ୍ର ତରାଇ, ବିଚିତ୍ର ସ୍ୱାଇଁ, ନନ୍ଦକିଶୋର ରଥ, ହିତେଶ ତରାଇ, ଆଶିଷ ତରାଇ, ଅନିଲ ତରାଇ, ଜ୍ୟୋତିପ୍ରକାଶ ରଥ, ଗୌରା ତରାଇ, କୁନା ଦାସ, ଅରୁଣ କାଣ୍ଡି, ରଶ୍ମିରଞ୍ଜନ ବାରିକ, କୁମର ବାରିକ, ପଞ୍ଚାନନ ବାରିକ, ନିତ୍ୟାନନ୍ଦ ବାରିକ, ସବଜାନ ଖାନ୍, ମଞ୍ଜୁର ଖାନ୍, ଇରଫାନ ଖାନ୍, ସିକମ ଖାନ୍, ମୁସ୍ତାକିମ ଖାନ୍, ବାବୁ ଖାନ୍, ସତନ ଖାନ୍, ଇଡୋ ଖାନ୍, ଟିପୁ ଖାନ୍, ରାଜା ଖାନ୍, ଜୁନେଦ ଖାନ୍, ରେଜୁଆନ ଖାନ୍, ଜିକନ ତରାଇ, ବାବୁଲା ଗୁରୁ, କାର୍ତ୍ତିକ ଗୁରୁ, ସାଗର ଗୁରୁ, ଧୁସା ଗୁରୁ, ପିଣ୍ଟୁ ଗୁରୁ, ରାମ ଗୁରୁ, ପ୍ରଶାନ୍ତ ସାହୁ, ସଂଘମିତ୍ରା ସାହୁ, ସୁନିତା ସାହୁ, ପ୍ରଶାନ୍ତି ରଥ, ମାନସୀ ତରାଇ, ସ୍ମିତାରାଣୀ ରଥ, ଝିଲି ଓଝା, ସୁୟାନୀ ତରାଇ, ମୁନିଆ ତରାଇ, ପ୍ରମିଳା କାଣ୍ଡି, ଅନ୍ନପୂର୍ଣ୍ଣା ସ୍ୱାଇଁ, ସରସ୍ୱତୀ କାଣ୍ଡି, ସୀତା ବାରିକ, ରୀନା ସାହୁ, କବିତା ସାହୁ, ଅଞ୍ଜନ ସାହୁ, ପ୍ରମିଳା କାଣ୍ଡି, ଅଞ୍ଜଳି କାଣ୍ଡି, ସରସ୍ୱତୀ ସାହୁ, ଗାୟତ୍ରୀ ସାହୁ, ଝରଣା ତରାଇ, ଗେଡି ତରାଇ, କବିତା ମଲ୍ଲିକ, ବାସନ୍ତୀ ପତି, ତିଳୋତ୍ତମା ପତି, ଚାରୁଲତା ତରାଇ, ବାସି ଦ୍ୱିବେଦୀ, ରାମ ସାହୁ, ଝରଣାରାଣୀ କର, କେଶନୀ ତରାଇ, ସୁନିତା ତରାଇ, ସଂଯୁକ୍ତା ସାହୁ, ସୁଭଦ୍ରା ସାହୁ ପ୍ରମୁଖ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବଡ଼କଇଁଚି ପଞ୍ଚାୟତର ରମେଶ ତରାଇ, ଉଦୟନାଥ ପାଣି, ସୌମେନ୍ଦ୍ର ଦ୍ୱିବେଦୀ, ସୁଦର୍ଶନ ଦ୍ୱିବେଦୀ, ସୁବ୍ରତ ଦ୍ୱିବେଦୀ, ବୀରବର ବାରିକଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ସହଯୋଗ କରିଛନ୍ତି।

ପୂର୍ବରୁ ଜାନୁଆରୀରେ ବିଜେଡି ନେତା ତଥା ଜିଲାପରିଷଦ ଅଧକ୍ଷା ଓ ଉପାଧକ୍ଷାଙ୍କ ସମେତ ୧୭ ଜଣ ଜିଲା ପରିଷଦ ସଭ୍ୟାସଭ୍ୟ ଏବଂ ପୂର୍ବତନ ଏମ୍‌ପିଙ୍କ ସମେତ ବହୁ ତୁଙ୍ଗନେତା ଭାଜପାରେ ସାମିଲ ହୋଇଥିଲେ। ବରୀ ଆସନ ବିଜେଡି ଅକ୍ତିଆରରେ ଥିଲେ ମଧ୍ୟ ସେଠାରୁ ୨ ଜଣ ଜିଲା ପରିଷଦ ସଭ୍ୟାସଭ୍ୟ ଭାଜପାରେ ସାମିଲ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ଜିଲାରେ ବିଜେଡିର ଯେତେ ବି କାର୍ଯ୍ୟକ୍ରମ ଚାଲିଛି, ଆଗଭଳି ସ୍ୱତଃପ୍ରବୃତ୍ତ ସମର୍ଥନ ମିଳୁ ନ ଥିବା ମନେହେଉଛି। ବିଶେଷକରି ଧର୍ମଶାଳା, କୋରେଇ, ସୁକିନ୍ଦା ଓ ବଡ଼ଚଣା ନିର୍ବାଚନମଣ୍ଡଳୀରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ସାମିଲକୁ ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ହେଉଛି।

# ମେଳଣରେ ସାମିଲ ହେଲେ ୫୦ରୁ ଊର୍ଦ୍ଧ୍ୱ ବିମାନ


ମେଳଣ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼।

**ଛତିଆ, ୨୮।୨(ସୌମ୍ୟ ରଞ୍ଜନ ସାହୁ ):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଛତିଆଠାରେ ଶନିବାର ପାରମ୍ପରିକ ଭାବେ ରାଜ ଦୋଳ ମିଳନ ଉତ୍ସବ ଭକ୍ତି ଓ ଭାବ ରେ ଶେଷ ହୋଇଯାଇଛି। ଏହି ଅବସରରେ ଆଖପାଖ ଅଞ୍ଚଳରୁ ୫୦ ବିମାନ ପାରମ୍ପରିକ କୀର୍ତ୍ତନ, ଘଣ୍ଟ, ବାଜା ବାଣ ରୋଷଣି କରି ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ରୁଦ୍ରପୁର, ସଶିଲୋ, ରାମପୁର, ଯସରାଜପୁର, ବଉଳା, ଭେଡା, କୁକୁଡ଼ାଙ୍ଗ, ଗୋବିନ୍ଦପୁର, କଇଥା, ଗୋଠମୁହଁ, ଅଡମ୍ବୁରୁ, ମାଗୁରା, ସମସରପୁର,ସୋଲର, ବୈରୀ, ଅମିୟଝରି, ଅମରାବତୀ ପଟଣା, କୁମ୍ଭେଇ, ନେଳିଆ, ଠେଙ୍ଗଡ, ଛେଦା, ବନ୍ଧାଳ , ଛତିଆ, ଉପୁଳା, ନହରା (ଥାନପତି), ନୟାପଟଣା, କମ୍ପାନୀ ବଜାର ବିମାନ ମେଳଣ ପଡିଆରେ ଏକତ୍ରିତ ହେବା ପରେ ଭୋଗ ଲାଗି କରାଯାଇଥିଲା। ଏହି ମେଳଣ ଦେଖିବାକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟରେ ଛତିଆ ସରପଞ୍ଚ ରମେଶ ପୃଷ୍ଟି, ସମିତି ସଭ୍ୟ ଦୀପକ ସାହୁ ସହଯୋଗ କରିଥିଲେ। ଏହି ମେଳଣ ପର୍ବଟି ଆକର୍ଷଣ ଥିଲା ରାଜ ଦୋଳର ଶୋଭାଯାତ୍ରା। ଭିଡ ନିୟନ୍ତ୍ରଣ ପାଇଁ ବୈରୀ ଥାନା ପୋଲିସ ପକ୍ଷରୁ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ଭୋଗ ଅର୍ପଣ କରି ମଙ୍ଗଳ କାମନା କରିଥିଲେ। ସ୍ଥାନୀୟ ପୂଜା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଭଜନ, କୀର୍ତ୍ତନ ଓ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

# ବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବ

## ସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ସିଂହପୁର, ୨୮।୨
(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କେଦାରନାଥ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ ସୁଶ୍ରୀ ଅଲିଭା ଧଳ, ସମ୍ମାନିତ ଅତିଥି ଯାଜପୁର ଅତିରିକ୍ତ ତହସିଲଦାର ସୁନିତା ଦେହୁରୀୟ, ବିଞ୍ଝାରପୁର ଅଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବି ନାରାୟଣ ମହାନ୍ତି, ସରପଞ୍ଚ ଶଶାଙ୍କଶେଖର ଖିଲାର, ସିଆରସିସି ସୁବ୍ରତ କୁମାର ପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ସାମଲ, ବରିଷ୍ଠ ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ରାଜ୍ୟ ସମ୍ମାନପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ପୂର୍ବତନ ପ୍ରଧାନଶିକ୍ଷକ କଳାକର ପାତ୍ର, ପୁରୁଷୋତ୍ତମ ଧଳ, ଗଣେଶ ଚନ୍ଦ୍ର ସାହୁ ପ୍ରମୁଖଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟ ଜ୍ଞାନେନ୍ଦ୍ର ବେଉରିଆ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ର, ଅବସରପ୍ରାପ୍ତ ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ନିବେଦିତା ନାୟକ, ସ୍ୱର୍ଣ୍ଣପ୍ରଭା ପଲାଇ, ଲେଲାଲିନି ବିଶ୍ୱାଳ, ସୁରେଖା ରଣା ଓ ପରିଚାଳନା କମିଟି ସଭାପତି ଅମୂଲ୍ୟ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଉତ୍ସବରେ ମଞ୍ଚାସୀନ ଅତିଥି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲୋରୀ


@ ସୁପ୍ରିୟା


@ ସୂର୍ଯ୍ୟକାନ୍ତ


@ ସୁଶୀଲ


@ ଜିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧାନବସ୍ତା ପଡ଼ି ଶ୍ରମିକଙ୍କ ମୃତ୍ୟୁ

**ଧର୍ମଶାଳା, ୨୮।୨ (ବଟକୃଷ୍ଣ ପରିଡା)**

ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥର ଶଙ୍ଖାରିଡ଼ିହ ନିକଟରେ ଟ୍ରାକ୍ଟରରୁ ଧାନବସ୍ତା ପଡ଼ି ଜଣେ ଶ୍ରମିକର ମୃତ୍ୟୁ ହୋଇଛି। ଧର୍ମଶାଳା ଥାନା ଅଭୟପୁର ଗ୍ରାମର ଅରୁଣ ଗେଡ଼ି (୩୪) ଶନିବାର ଟ୍ରାକ୍ଟରରେ ଧାନ ବସ୍ତା ଲୋଡ଼ କରୁଥିବା ବେଳେ ଅସାବଧାନତା ଯୋଗୁ ଧାନ ବସ୍ତା ତାଙ୍କ ଉପରେ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚିବା ସହ ମୃତଦେହ ଜବତ କରିବା ସହ ନଂ. ୮୩/୨୬ରେ ମାମଲା ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଚିନ୍ମୟ ସାହୁ କହିଛନ୍ତି।

# ଜିଲା ପ୍ରଶାସନ ପକ୍ଷରୁ ଅର୍ଥନୀତି ଆଲୋଚନାଚକ୍ର

**ଯାଜପୁରରୋଡ଼, ୨୮।୨**
**(ପବିତ୍ର ରଞ୍ଜନ ମହାନ୍ତି):**


ଆଲୋଚନାଚକ୍ରରେ କୃତୀ ପ୍ରତିଭାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ଜିଲା ମହୋତ୍ସବ ଯଯାତି ଉପଲକ୍ଷେ ବ୍ୟାସନଗରସ୍ଥିତ ଟାଉନହଲରେ ଜେ-ଲିଡ ୨୦୨୬ ଯାଜପୁର ଯୁବ ସମ୍ବାଦ ଆଲୋଚନା ଚକ୍ର ଶନିବାରରେ ଅନୁଷ୍ଠିତ ହୋଇଛି। ସାମ୍ପ୍ରତିକ ଅର୍ଥନୈତିକ ପରିଦୃଶ୍ୟ, ସମ୍ଭାବନା ଏବଂ ଆହ୍ୱାନ ବିଷୟବସ୍ତୁକୁ ନେଇ ସେମିନାର ହୋଇଥିଲା। ଏହାକୁ କୋରେଇ ବିଧାୟକ ଆକାଶ ଦାସନାୟକ, ଜିଲାପାଳ ଅମ୍ବର କୁମାର କର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋରେଇ ବିଧାୟକ ଦାସ ନାୟକ କହିଥିଲେ, ବିଶ୍ୱ ମାନଚିତ୍ରରେ ଯାଜପୁର ଜିଲାର ଅର୍ଥନୈତିକ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ଜିଲାପାଳ କର ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିବା ସହ ଏଭଳି ଆଲୋଚନା ଚକ୍ର ଆୟୋଜନ ପଛର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ମହୋତ୍ସବ ଆୟୋଜନ କେବଳ ନାଚ ଗୀତରେ ସୀମିତ ନ ରହି, ବୌଦ୍ଧିକ ଆଲୋଚନା ମଧ୍ୟ ହେବା ଆବଶ୍ୟକ। ଏହାଦ୍ୱାରା ଜିଲାର ଛାତ୍ରୀଛାତ୍ର ଯୁବ ପିଢ଼ି ଅର୍ଥନୈତିକ ପ୍ରଗତି ସମ୍ପର୍କରେ ବ୍ୟବହାରିକ ଜ୍ଞାନ ପାଇବେ। ଅତୀତ ଓଡ଼ିଶାର ରାଜଧାନୀ ଥିବା ଯାଜପୁରର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବାକୁ ନୀତି ନିର୍ମାତା, ଶିଳ୍ପ ନେତୃତ୍ୱ, ଅର୍ଥନୀତିଜ୍ଞମାନେ ସମାରୋହରେ ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମରେ ବକ୍ତା ଭାବେ ଅର୍ଥନୀତି ବିଶେଷଜ୍ଞ ଡ. ଦୀପକ ମିଶ୍ର, ଆଇଏମ୍‌ଆଇ ଭୁବନେଶ୍ୱରର ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ପ୍ରୀତିଶ କୁମାର ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଆରବିଆଇ ଚେୟାର ପ୍ରଫେସର ସୁଧାକର ପାତ୍ର ଏବଂ ଟାଟା ଷ୍ଟିଲର କର୍ପୋରେଟ ବ୍ୟାପାର ଉପାଧ୍ୟକ୍ଷ ଡିବି ସୁନ୍ଦର ରମନ ଓ ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ବିଜିନେସ ଅଧିକାରୀ ଏସବି ଉପାଧ୍ୟାୟ ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ। ଡିପିଏମ୍‌ୟୁ ଉପ ନିର୍ଦ୍ଦେଶକ ଅର୍ଚ୍ଚିତା ଦାସ, ୟୁସିଆଇଏଲର ସମ୍ପାଦକ ଡ. ସଞ୍ଜୀବ ମହାପାତ୍ର ଆଲୋଚନାରେ ସଂଯୋଜନା କରିଥିଲେ। ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ଧନ୍ୟବାଦ ଦେଇଥିଲେ। ଏହିକାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲାର ବିଭାଗୀୟ ଅଧିକାରୀ, ତହସିଲଦାର, ବିଡିଓ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

# ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନବକଳେବର ଉତ୍ସବ ଉଦ୍‌ଯାପିତ

ଯାଜପୁର,୨୮।୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଓ ଭଦ୍ରକ ଜିଲାର ସୀମାନ୍ତ ଜୟନ୍ତରାସ୍ଥିତ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନବକଳେବର ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଚୈତନ୍ୟ ମନ୍ଦିର ପ୍ରାଙ୍ଗଣରେ ନବକଳେବର ପ୍ରତିଷ୍ଠା କମିଟିରେ ମୁଖ୍ୟ ପୁରୋଧା ବରଦା ପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଯାଜପୁର ବିଧାୟିକା ସୁଜାତା ସାହୁ ଓ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଅତିଥି ଭାବେ ଯୋଗଦେଇ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଆଧ୍ୟାତ୍ମିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟ, ସଂସ୍କୃତି, ସ୍ୱାସ୍ଥ୍ୟ, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାହିତ୍ୟିକ ଘନ ପରିଡ଼ା, ବିଜୟ କିଶୋର ସାମଲ, ବିନ୍ଦୁରେଖା ମହାପାତ୍ର, ବିଦ୍ୟୁତଲତା ଦାସ, ମୀନାକ୍ଷୀ ମିଶ୍ର, ସଂସ୍କୃତି ଗବେଷକ ଭୂପତି ଭୂଷଣ ମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ହୃଦ୍‌ରୋଗ ବିଶେଷଜ୍ଞ ସତ୍ୟନାରାୟଣ ରାଉତରାୟ, ବନବିହାରୀ ମିଶ୍ର, ଗଙ୍ଗାଧର ମହାପାତ୍ର, ସୂର୍ଯ୍ୟମଣି ତ୍ରିପାଠୀ, କର୍ଣ୍ଣାଟକେଶରୀ ଦାସ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଦିଲୀପ କୁମାର ସାମଲ, ନୃସିଂହ ଚରଣ ମହାପାତ୍ର, ସଂଯୁକ୍ତା ମହାନ୍ତି, ଆଦିକନ୍ଦ ମହାପାତ୍ର, ପ୍ରଭାତ କୁମାର ନନ୍ଦୀ, ସୁଶାନ୍ତ କୁମାର ରାୟ ମହାପାତ୍ର, ଅନ୍ନଦା ପ୍ରସାଦ ମହାପାତ୍ର, ଅଧିକାରୀ ନବକିଶୋର ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜମି ବିବାଦକୁ ନେଇ ତହସିଲ ଆଗରେ ଗ୍ରାମବାସୀଙ୍କ ଧାରଣା

**ରସୁଲପୁର, ୨୮।୨ (ରଞ୍ଜିତ ରାଉତ):**

ଯାଜପୁର ଜିଲା ରସୁଲପୁର ବ୍ଲକ ଶ୍ରାବନ୍ତପୁର ପଞ୍ଚାୟତ ଅଧୀନ ୨ ଗ୍ରାମ ଯଥା ବାର୍ଲାଙ୍ଗୀ ଓ ବାଉଁଶଅଣ୍ଡା ମଧ୍ୟରେ ଜମିର ସୀମା ବିବାଦ ବହୁଦିନ ହେବ ଲାଗି ରହିଛି। ଏହି ବାବଦରେ ବାର୍ଲାଙ୍ଗୀ ଗ୍ରାମବାସୀ ବହୁବାର ତହସିଲଦାରଙ୍କୁ ନିବେଦନ କରିବା ସତ୍ତ୍ୱେ ସମସ୍ୟା ସମାଧାନ ହୋଇପାରି ନ ଥିଲା। ନିରାଶ ହୋଇ ଏହି ଗ୍ରାମର ବିଜୟ ସ୍ୱାଇଁ ଓ ଗଦାଧର ନାଏକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟ ୨ ଗ୍ରାମର ସୀମା ବିବାଦ ତୁଟାଇବା ପାଇଁ ମାପଚୁପ କରି ସୀମା ନିର୍ଦ୍ଧାରଣ କରି ମାମଲା ତୁଟାଇବା ପାଇଁ ରସୁଲପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜାନୁଆରୀ ୨୨ରେ ତହସିଲଦାର ସିଦ୍ଧାର୍ଥ ବେହେରା ଗ୍ରାମବାସୀଙ୍କୁ ମାପଚୁପ ନିମନ୍ତେ ନୋଟିସ୍ ଜାରି କରିଥିଲେ। ମାତ୍ର ମାପଚୁପ ହୋଇପାରି ନ ଥିଲା। ପୁନର୍ବାର ୩୧ ତାରିଖରେ ନୋଟିସ ଜାରି ହେବା ସତ୍ତ୍ୱେ ଅଧାରୁ ମାପ କାର୍ଯ୍ୟ ଛାଡ଼ି ପଳାଇ ଆସିଥିଲେ। ବାଉଁସଅଣ୍ଡା ଗ୍ରମବାସୀ ରବିବାର ବିବାଦୀୟ ଜାଗା ଉପରେ ବିଗ୍ରହ ପ୍ରତିଷ୍ଠା କରିବାକୁ ଯାଉଥିବା ସୂଚନା ପାଇ ବାର୍ଲାଙ୍ଗୀ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ବସିଥିଲେ। ବିବାଦୀୟ ଜମିରେ ବିଗ୍ରହ ପ୍ରତିଷ୍ଠା ନ ହେବା ପାଇଁ ଦାବି କରି କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପ୍ରଶାସନ ଅଭିଯୋଗ ଗ୍ରହଣ କରିବା ସହ ଅପରାହ୍ନ ସୁଦ୍ଧା ସମସ୍ୟାର ସମାଧାନ କରିବାର ବାର୍ଲାଙ୍ଗୀ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ରସୁଲପୁର ତହସିଲ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

# ଆତ୍ମନିର୍ଭରଶୀଳ ହେବା ପାଇଁ ଦାଦନ



ତ୍ରୁଟିପୂର୍ଣ୍ଣ ଜଳ ପରିଚାଳନା ଯୋଗୁ ପୋତିହୋଇଥିବା ପଟ୍ଟାମୁଣ୍ଡାଇ କେନାଲ।

**ପଟ୍ଟାମୁଣ୍ଡାଇ, ୨୮।୨ (କଳ୍ପତରୁ ନାୟକ)**

- ତ୍ରୁଟିପୂର୍ଣ୍ଣ ଜଳ ପରିଚାଳନା ଯୋଗୁ କୃଷି କାର୍ଯ୍ୟ ବାଧାପ୍ରାପ୍ତ
- ମୌଳିକ ସୁବିଧାରୁ ବଞ୍ଚିତ ସାଧାରଣ ଲୋକେ

କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ସଂକଳ୍ପ ନେଇଛନ୍ତି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଗାଁରୁ ସହରରେ ଆର୍ଥିକ ବିକାଶ କରି ବୃହତ୍ତମ ଅର୍ଥନୀତିରେ ପରିଣତ କରିବା, ଭିତ୍ତିଭୂମି, ଉନ୍ନତ ସଡ଼କ, ରେଳ ଏବଂ ବିମାନ ବନ୍ଦର ନିର୍ମାଣ, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଏବଂ କୌଶଳ ବିକାଶ, ସମସ୍ତଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା, ପ୍ରଯୁକ୍ତିବିଦ୍ୟା-ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ମଜବୁତ କରିବା, ନୂତନ ଗବେଷଣା, ସାମାଜିକ ବିକାଶ ଏବଂ ସୁଶାସନ କ୍ଷେତ୍ରରେ ଆଧୁନିକତା ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଦ୍ରୁତ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ କେନ୍ଦ୍ରାପଡ଼ା ଜିଲ୍ଲାର କେତେଜଣ ବୁଦ୍ଧିଜୀବୀ ଏହାର ବାସ୍ତବ ରୂପାୟନକୁ ନେଇ ସନ୍ଦେହ ପ୍ରକାଶ କରୁଛନ୍ତି। ବିକଶିତ ଭାରତର ସ୍ୱପ୍ନ ଦେଖାଯାଉଥିବା ବେଳେ କେନ୍ଦ୍ରାପଡ଼ା ସମେତ ରାଜ୍ୟର ଏକାଧିକ ଜିଲ୍ଲାରେ ସାଧାରଣ ଲୋକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇବାରେ ଥିବା ଅସୁବିଧାକୁ ଇଙ୍ଗିତ କରୁଛି। ଜିଲ୍ଲାର ଯୁବପିଢ଼ି ଆତ୍ମନିର୍ଭରଶୀଳତା ପାଇଁ ବିଦେଶରେ ଦାଦନ ଖଟୁଛନ୍ତି। ତୃଟିପୂର୍ଣ୍ଣ ଜଳ ପରିଚାଳନା ଯୋଗୁ କୃଷି କାର୍ଯ୍ୟରୁ ଲୋକେ ମୁହଁ ଫେରାଇ ପେଟପାଟଣା ପାଇଁ ଦାଦନ ଯାଉଛନ୍ତି। ମାତ୍ର ସରକାର ଖଣି, ପାଣି ପାହାଡ଼, ପର୍ବତ ଗଛଲତା ନଷ୍ଟ କରି କଂକ୍ରିଟ ଜଙ୍ଗଲ କରିଚାଲିଛନ୍ତି। ଯାହା ପରିବେଶ ପ୍ରଦୂଷଣ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ ହେଉଥିବା ବେଳେ ଆଗାମୀ ପିଢ଼ି ପାଇଁ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଏମାନେ କୁହନ୍ତି...

### ଜଳବାୟୁ ପରିବର୍ତ୍ତନ ଯୋଗୁ ଚାଷ କାମ ପ୍ରଭାବିତ



ଭାରତରେ ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳ ପ୍ରଦୂଷିତ, ଭେଜାଲ ଖାଦ୍ୟରୁ ଜୀବନଶୈଳୀ ଜନିତ ରୋଗରେ ମାନବ ସମାଜ ସମ୍ମୁଖୀନ ହେଉଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ଚାଷକାମ ପ୍ରଭାବିତ ହେଉଛି। ପ୍ରାକୃତିକ ଦୁର୍ବିପାକ ବଢ଼ୁଛି, ଯାହା ଗ୍ରାମୀଣ ଅର୍ଥନୀତିକୁ ପ୍ରଭାବିତ କରୁଛି। ଫଳରେ ଚାଷୀ ଚାଷ କାମରୁ ମୁହଁ ଫେରାଉଥିବା ବେଳେ ଯୁବପିଢ଼ି ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ଯାହା ଆଗକୁ ଭୟଙ୍କର ରୂପ ନେଇ ଦେଶର ଅର୍ଥନୀତି ହାନି କରିବା ସହ ଜିଡିପି, ଏନ୍‌ଡିପି, ଏନ୍‌ଏନ୍‌ପିରେ ଗମ୍ଭୀର ପ୍ରଭାବ ପଡିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

-ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟିକା

### ଦାରିଦ୍ର୍ୟ ଦୂର ଅର୍ଥ ନୁହେଁ ଖାଲି ଦି ଓଳି ଖାଇବା



ସାମାଜିକ ସମସ୍ୟା ଆହୁରି ଭୟଙ୍କର। କୋଟି କୋଟି ଯୁବତୀଯୁବକ ବେକାର। ନିଯୁକ୍ତି ଆଜି ଅପହଞ୍ଚ। କ୍ଷମତା, ପ୍ରଚୁର ଅର୍ଥ ନ ଥିଲେ କେହି ପଚାରିବେ ନାହିଁ। ଦାରିଦ୍ର୍ୟ ଦୂର ଅର୍ଥ ନୁହେଁ ଖାଲି ଦି ଓଳି ଗଣ୍ଡେ ଖାଇବା। ମାତ୍ର ସରକାରୀ ଭାବେ ବିକାଶ ହେଉଛି। ଯଦି ଏତେ ବିକାଶ ହେଉଛି, ତେବେ ୮୦ କୋଟି ଲୋକଙ୍କୁ କାହିଁକି ଖାଦ୍ୟ ସହାୟତା ଯୋଗାଇବାକୁ ପଡୁଛି ବୋଲି ପ୍ରଶ୍ନ ଉଠୁଛି। ଲୋକଙ୍କ ଅଭାବ, ଅନଟନ ସମସ୍ୟା ଉପରେ ସରକାର ଆଲୋଚନା କରିବା ଉଚିତ। ଭବିଷ୍ୟତ ପିଢ଼ିଙ୍କ କଥା ଶାସକ ଶ୍ରେଣୀ ଭୁଲିଯିବା ଅନୁଚିତ।

-ପ୍ରବୀର ନାୟକ, ସାମାଜିକ କର୍ମୀ

### ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ



ବର୍ତ୍ତମାନ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତା ସାଧାରଣ ଲୋକଙ୍କ ହାତଛଡ଼ା ହେବାରେ ଲାଗିଛି। ପରିସ୍ଥିତି ଏଭଳି ହୋଇଛି ଯେ ସାଧାରଣ ଲୋକ ଏହି ୨ଟି ଅତ୍ୟାବଶ୍ୟକ ସେବାର ଖର୍ଚ୍ଚ ଭରଣା କରିବା ପାଇଁ ନିଜର ଘର ଏବଂ ସମ୍ପତ୍ତି ବିକି ଦେଉଛନ୍ତି। ଭଲ ଶିକ୍ଷା ଏବଂ ଉତ୍ତମ ସ୍ୱାସ୍ଥ୍ୟ ସେବା ସାଧାରଣ ଲୋକେ ଇଚ୍ଛା କରିବା ସ୍ୱାଭାବିକ, କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ସୁବିଧାଗୁଡ଼ିକ ବର୍ତ୍ତମାନ ସାଧାରଣ ଲୋକଙ୍କ ପାଖରେ ଅପହଞ୍ଚ। ଏଥିପ୍ରତି ସରକାର ଧ୍ୟାନ ଦେଲେ ବିକଶିତ ଭାରତ ଲକ୍ଷ୍ୟ ପୂରଣ ହେବ।

-ପ୍ରଫୁଲ୍ଲ ଦାଶ, ଶିକ୍ଷାବିତ୍

### କେନ୍ଦ୍ରାପଡ଼ାରେ ଭୂପୃଷ୍ଠର ଜଳସ୍ତର ଲବଣାକ୍ତ



କେନ୍ଦ୍ରାପଡ଼ା ଜିଲ୍ଲାରେ ଭୂପୃଷ୍ଠର ଜଳପତନ ବହୁମାତ୍ରାରେ ହ୍ରାସ ପାଇ ଭୟଙ୍କର ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ଜଳାଶୟ ଦଖଲ ଓ ସଂକୁଚିତ ହେବା ଯୋଗୁ ଭୂତଳ ଜଳସ୍ତର ଦ୍ରୁତଗତିରେ ହ୍ରାସ ପାଉଛି। ପାନୀୟ ଜଳ ସଙ୍କଟ ସୃଷ୍ଟି ହେଉଛି। ଆଦ୍ରଭୂମି ଉପରେ ଜବରଦଖଲ, ସହରୀକରଣ କରଣରୁ ବର୍ଷାଜଳ ଭୂତଳକୁ ଯାଇପାରୁନାହିଁ। ଫଳରେ ଭୂତଳ ଜଳସ୍ତର ଲବଣାକ୍ତ ହେବା ସହ ୟୁରାନିୟମ ଓ ନାଇଟ୍ରେଟ ଭଳି କ୍ଷତିକାରକ ଉପାଦାନ ବୃଦ୍ଧି ପାଉଛି। ଯାହା ପରିବେଶ ପାଇଁ ବିପଦ ସୃଷ୍ଟି କରିବାକୁ ବସିଛି।

-ବିଦ୍ୟୁ ଭୂଷଣ ମହାପାତ୍ର, ପରିବେଶବିତ୍

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ: କେନ୍ଦ୍ରାପଡ଼ା ଶ୍ରମିକଙ୍କ ସୁରକ୍ଷା ନେଇ ଚିନ୍ତା

**ପଟ୍ଟାମୁଣ୍ଡାଇ, ୨୮।୨ (କଳ୍ପତରୁ ନାୟକ)**

ଇରାନ-ଆମେରିକା ମଧ୍ୟରେ ଶନିବାରଠାରୁ ଘମାଘୋଟ ଲଢ଼େଇ ଲାଗିରହିଛି। ଇରାନ ପକ୍ଷରୁ ସୌଦି ଆରବ, ଯୋର୍ଡାନ, ବାହାରିନ, କୁଏତ, କାତାର ଏବଂ ୟୁଏଇରେ ଥିବା ଆମେରିକୀୟ ସୈନ୍ୟ ଘାଟିଗୁଡ଼ିକ ଉପରେ ଜୋରଦାର କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଏ ନେଇ ଏୟାର ଇଣ୍ଡିଆ ଉଡ଼ାଣ ସ୍ଥଗିତ ରଖାଯାଇଛି। ଯାହାକୁ ନେଇ କାତାର ଓ ଦୁବାଇ ସମେତ ଗଲ୍ଫ ଦେଶରେ ଫସିରହିଥିବା ଥିବା କେନ୍ଦ୍ରାପଡା ଜିଲ୍ଲାର ଲୋକଙ୍କ ଚିନ୍ତା ବଢ଼ିଛି। ଇରାନ ବିବାଦ ଯୋଗୁ ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ସେଠାରେ କାର୍ଯ୍ୟରତ ହଜାର ହଜାର କେନ୍ଦ୍ରାପଡା ଶ୍ରମିକଙ୍କ ସୁରକ୍ଷା ନେଇ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି। ଲଗାତର ବିମାନ ଆକ୍ରମଣ ଯୋଗୁ ଦୁବାଇ କୁଏତ ସମେତ ଅନେକ ଗଲ୍ଫ ଦେଶରେ କ'ଣ ଘଟୁଛି ତାହା ସେମାନେ କହିପାରୁନାହାନ୍ତି। ସେହିପରି କେନ୍ଦ୍ରାପଡା ଜିଲ୍ଲାର ଅନେକ ଲୋକେ ସେଠାରେ ରହୁ ଥିବାରୁ ତାଙ୍କୁ ସୁରକ୍ଷିତ ଫେରାଇ ଆଣିବାକୁ ଭାରତ ଓ ରାଜ୍ୟ ସରକାର ଏବଂ ବୈଦେଶିକ ମନ୍ତ୍ରଣାଳୟକୁ ପରିବାର ଲୋକେ ନିବେଦନ କରିଛନ୍ତି।

# ରାଜ୍ୟ ବଜେଟ ସମ୍ପର୍କରେ ଆଲୋଚନାଚକ୍ର

**କେନ୍ଦ୍ରାପଡ଼ା, ୨୮।୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲ୍ଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ରାଜ୍ୟ ବଜେଟ ସମ୍ପର୍କରେ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ସହରର ଦୁହୁରିଆ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୋର୍ଚ୍ଚା ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପ୍ରଭାରୀ ଗୁରୁ ଚରଣ ସେଠୀ, କାର୍ଯ୍ୟକର୍ତ୍ତା ଅଭିମନ୍ୟୁ ଗୋଛାୟତ, ମାଧବାନନ୍ଦ ମଲ୍ଲିକ, ବିନୋଦ ବେହେରା, ପ୍ରବେଶନ ମଲ୍ଲିକ ଓ ନରୋତ୍ତମ ଦାସ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ । ସେମାନେ କହିଥିଲେ, ଚଳିତ ବର୍ଷର ରାଜ୍ୟ ବଜେଟ ଏକ ଯୁଗାନ୍ତକାରୀ ବଜେଟ। ଏଥିରେ ୨୦୩୬ ରେ ବିକଶିତ ଓଡିଶା ଗଠନ ପାଇଁ ରୋଡ଼ମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ବଜେଟରେ ଓଡ଼ିଶାର ବିକାଶ ପାଇଁ ପ୍ରତ୍ୟେକ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଅନୁସୂଚିତ ଜାତି, ଜନଜାତି ବିକାଶ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପାଇଁ ମୋଟ ୬୬୪୯ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ଛାତ୍ର ଉତ୍ସାହ ଯୋଜନା ପାଇଁ ୧୪୪୩ କୋଟି, ମାଧୋ ସିଂହ ହାତ ଖର୍ଚ୍ଚ ପାଇଁ ୧୫୪ କୋଟି, ଅନୁସୂଚିତ ଜନଜାତି ଛାତ୍ରୀ ଛାତ୍ରୀ ଶିକ୍ଷା ପାଇଁ ୪୦୭ କୋଟି ଟଙ୍କା ପ୍ରାକ- ମାଟ୍ରିକ ଏବଂ ପରବର୍ତ୍ତୀ ଛାତ୍ରବୃତ୍ତି ଇତ୍ୟାଦି ପ୍ରବଧାନ କରାଯାଇଛି। ଯାହା ପୂର୍ବ ବଜେଟ ଅପେକ୍ଷା ଅତ୍ୟନ୍ତ ଉତ୍ସାହଜନକ। ବଜେଟରେ କେନ୍ଦ୍ରାପଡ଼ା ଜିଲ୍ଲାରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା, ଜାହାଜ ନର୍ମାଣ କାରଖାନା, ମତ୍ସଜୀବୀମାନଙ୍କ ପାଇଁ ବିଶେଷ ଯୋଜନା, ଉପକୂଳ ଜାତୀୟ ରାଜପଥ ନିର୍ମାଣ, ଶ୍ରୀ ବଳଦେବଜୀଉଙ୍କ ରଥ ନିମନ୍ତେ ଏକ କୋଟି ଟଙ୍କା ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରଦୀପ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ନାବାଳିକା ନିଖୋଜ, ଥାନାରେ ଅଭିଯୋଗ

**ମହାକାଳପଡ଼ା, ୨୮।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

**ଖରୀନାଶି ଅଞ୍ଚଳ ଯୁବକଙ୍କ ସମ୍ପୃକ୍ତି ନେଇ ଲିଖିତ ଅଭିଯୋଗ**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳରୁ ୨ ନାବାଳିକା ନଡିଖୋଜ ହେବା ନେଇ ପରିବାର ମୁଖ୍ୟ ଲିଖିତ ଅଭିଯୋଗ କରିଛନ୍ତି । ଅପର ପକ୍ଷରେ ଏହି ଥାନା ଅଧିନ ଖରୀନାଶି ଅଞ୍ଚଳର ଜଣେ ଯୁବକ ପ୍ରଲୋଭିତ କରି ନାବାଳିକାଙ୍କୁ ନେଇଥିବା ନେଇ ଲିଖିତ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ବୋଲି କୁହାଯାଇଛି। ନାବାଳିକା ଝିଅ ନିଖୋଜ ଖବର ପାଇ ତାଙ୍କ ବାପା ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଆଉ ଜଣେ ଝିଅ ନିଖୋଜ ଥିବା ନେଇ ତାଙ୍କ ମା ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅପର ପକ୍ଷରେ ଖବର ପାଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ସୁପର ଭାଇଜର ସୁଶ୍ରୀ ସଙ୍ଗୀତା ପ୍ରିୟଦର୍ଶିନୀ, ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀ ଘଟଣାସ୍ଥଳରେ ପହଞ୍ଚି ନାବାଳିକା ପରିବାର ମା' ବାପାକୁ ପଚରା ଉଚରା କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ସମ୍ପୃକ୍ତ ଯୁବକ କିଛି ବର୍ଷ ପୂର୍ବେ ଉକ୍ତ ଗ୍ରାମର ଆଦିବାସୀ ଶବର ଯୁବତୀଙ୍କୁ ବିବାହ କରିଛନ୍ତି ବୋଲି କୁହାଯାଉଛି।

ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରିଣୀ ଅନିତା ସ୍ୱାଇଁଙ୍କୁ ପଚାରିବାରୁ ଦୁଇଟି ଲିଖିତ ଅଭିଯୋଗ ମିଳିଛି। ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ କରାଯିବ ବୋଲି କହିଛନ୍ତି। ଏ ନେଇ ନଂ. ୨୫/୨୬ରେ ମାମଲା ରୁଜୁ କରାଯାଇଛି ।

# ବିଦେଶରେ ଫସିଥିବା ଓଡ଼ିଆ ଯୁବକ ଘରେ ପହଞ୍ଚିଲେ

**ରାଜକନିକା, ୨୮।୨ (ସଞ୍ଜୟ କୁମାର ଦାଶ)**

**ଜିଲ୍ଲା ପ୍ରଶାସନ, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ**

ପରିବାର ପ୍ରତିପୋଷଣ ପାଇଁ ଥାଇଲାଣ୍ଡ ଯାଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଅଞ୍ଚଳର ୬ଜଣ ଯୁବକ ଶନିବାର ନିଜ ଘରକୁ ଫେରିଛନ୍ତି । ୪ମାସ ହେଲା ସେମାନଙ୍କୁ ଟଙ୍କା ମିଳି ନ ଥିଲା । ଏପରିକି ୫ଦିନ ଧରି ସେମାନଙ୍କୁ କିଛି ଖାଇବାକୁ ମଧ ମିଳି ନ ଥିଲା। ଶେଷରେ ଅସହାୟ ହୋଇ ୬ ଜଣ ଯୁବକ ଘରକୁ ଫେରିବା ପାଇଁ ସୋସିଆଲ ମିଡିଆ ବ୍ୟବହାର କରି ଭିଡିଓ ଦ୍ୱାରା ଓଡ଼ିଶା ସରକାରଙ୍କୁ ଆକୁଳ ନିବେଦନ କରିଥିଲେ । ଜିଲ୍ଲା ପ୍ରଶାସନ ଏବଂ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ସେମାନେ ଘରେ ପହଞ୍ଚିଥିବା ନେଇ ଜିଲ୍ଲା ପ୍ରଶାସନ ସମେତ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ହେଲେ ସେଠାରୁ ତାଙ୍କ ପାରିଶ୍ରମିକ ଆଣିନାହାନ୍ତି, ଖାଲି ହାତରେ ଆସିଛନ୍ତି । ସୂଚନାଯୋଗ୍ୟ, ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ କୁଜିପୁର ଗାଁର ଯଶୋବନ୍ତ ସାହୁ, ନୂଆଗାଁର ଜୟନ୍ତ ମଲିକ, ବରାଡ଼ିଆ ପଞ୍ଚାୟତ ଉପୁଲାଇ ଗାଁର ପ୍ରଶାନ୍ତ ରାଉତ, କାଟଣା-ବଣିଆଁ ପଞ୍ଚାୟତ କାଟଣା-ବଣିଆଁ ଗାଁର ହେମନ୍ତ ବେହେରା ଓ ଚାନ୍ଦବାଲି ବ୍ଲକ କୌଡ଼ିଆପାଳ ଗାଁର ମନୋରଞ୍ଜନ ସାହୁ କାମ କରିବାକୁ ଗତ ବର୍ଷ ଅଗଷ୍ଟରେ ଥାଇଲାଣ୍ଡ ଯାଇଥିଲେ। ଉତ୍ତର ପ୍ରଦେଶ ଗୋରଖପୁର ଅଞ୍ଚଳର ଦୁଇଜଣ ମାଲିକ ଓମପ୍ରକାଶ ଓ ଜୟ ପ୍ରକାଶ ପ୍ଲାଏଉଡ କମ୍ପାନୀରେ କାମ କରିବା ପାଇଁ ମାସିକ ୨୫ହଜାର ଟଙ୍କା ଦରମା ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଟୁରିଷ୍ଟ ଭିଜାରେ ଟୋଙ୍ଗୁରି ଅଞ୍ଚଳକୁ ନେଇଥିଲେ। ସେଠାରେ ଯୁବକମାନଙ୍କୁ ୩ ମାସ ଠିକ୍ ଠାକ ପ୍ରାପ୍ୟ ଦିଆଯାଇଥିଲା । ବିଗତ ୪ମାସ ହେବ ସେମାନଙ୍କୁ ଟଙ୍କା ଦିଆଯାଇ ନ ଥିଲା । ଏମିତିକି ଯୁବକମାନଙ୍କ ନିକଟରୁ ପାସ୍ ପୋର୍ଟ ନେଇ ଯାଇଥିଲେ । ୪ ମାସ ହେବ ମିଳିନଥିଲା ପାରିଶ୍ରମିକ ଟଙ୍କା । ଖାଇବା ବିନା ଉପାସରେ କଟୁଥିଲାଦିନ। ନିଜ ଜନ୍ମମାଟି ଓଡ଼ିଶା ଘରକୁ ଫେରିବା ପାଇଁ ଓଡ଼ିଶା ସରକାରଙ୍କୁ ଆକୁଳ ନିବେଦନ କରିଥିଲେ। ୫ ଦିନ ହେବ ଖାଇବାକୁ ଦିଆଯାଉ ନ ଥିଲା, ଭୋକ ଉପବାସରେ ପଡ଼ିରହିଥିବା ୬ ଓଡ଼ିଆ ଶ୍ରମିକଙ୍କ ପାଖରେ ଆଉ ଟଙ୍କା ବି ନ ଥିଲା । ଘରକୁ ଫେରାଇ ଆଣିବା ପାଇଁ ଓଡ଼ିଶା ସରକାର ତତ୍ପରତା ପ୍ରକାଶ କରିବାକୁ ସୋସିଆଲ ମିଡ଼ିଆରେ ସେମାନେ ନିବେଦନ କରିଥିଲେ। ଫଳରେ ସେମାନେ ଫେରିବାରେ ସମସ୍ୟା ଭୋଗିଥିଲେ।

# ବ୍ୟବସାୟୀଙ୍କ ଘରେ ପଶିଲେ ଲୁଟେରା, ଥାନାରେ ଅଭିଯୋଗ

**ଆଳି, ୨୮।୨ (ବନମାଳୀ ସେନାପତି)**

ଆଳି ଅଞ୍ଚଳର ଯୁବ ବ୍ୟବସାୟୀ ସମ୍ବିତ ଦାସଙ୍କ ବାସଗୃହ ଓ ଅଫିସରେ ମାରଣାସ୍ତ୍ରଧାରୀ କେତେକ ଲୁଟେରା ଆତଙ୍କ ସୃଷ୍ଟିକରିଥିବା ବେଳେ ବ୍ୟବସାୟୀଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ସେ ଆଳି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସମ୍ବିତ ଆଳି ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ ଶୁକ୍ରବାର ରାତିରେ ସେ ତାଙ୍କ ଲୋକପଡ଼ା ସ୍ଥିତ ବାସଗୃହରେ ଶୋଇଥିଲେ। ରାତି ପ୍ରାୟ ୧ ଟାରେ କେତେକ ଯୁବକ ମୁହଁରେ କପଡା ବାନ୍ଧି ହାତରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ତାଙ୍କ ଘରେ ଓ ଅଫିସରେ ପ୍ରବେଶ କରିଥିଲେ । ଦୀର୍ଘ ସମୟ ଧରି ଲୁଟେରାମାନେ ବେପିକର ଭାବେ ଲୁଟ ନିମନ୍ତେ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇ ପଳାଇ ଯାଇଥିଲେ। ଲୁଟେରା ମାନଙ୍କ ଏଭଳି ଉଦ୍ୟମ ସମ୍ବିତଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ସେ ଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଡେରାବିଶର ପ୍ରସିଦ୍ଧ ଚାଟରା, କୁଶିଆପାଳ ମେଳଣ ଉଦ୍‌ଯାପିତ

**ଡେରାବିଶ, ୨୮।୨ (ବେବର୍ତ୍ତା ଅଜୟ ଦାସ)**

ଗତ ଗୁରୁବାର ପଗୁ ଦଶମୀ ତିଥି ଅବସରରେ ଡେରାବଶ ବ୍ଲକର ବିଭିନ୍ନ ଅଞ୍ଚଳରେ ଦୋଳ ମେଳଣ ଅନୁଷ୍ଠିତ ହୋଉଛି। ଏହି ଉପଲକ୍ଷେ ବ୍ଲକ ଅଧିନ ଚାଟରାଚକଡ଼ା ପଞ୍ଚାୟତ ଚାଟରାଠାରେ ଶନିବାର ରାତିରୁ ଆରମ୍ଭ ହୋଇଥିବା ଦୋଳ ମେଳଣ ରବିବାର ପ୍ରାତଃରୁ ଉଦ୍‌ଯାପିତ ହୋଇଛି। ଏହି ମେଳଣର ଥାନପତି ଚାଟରାମଠରୁ ଆସୁଥିବା ବିମାନ ଶନିବାର ରାତି ୯ଟା ମେଳଣ ପଡିଆରେ ଉପବେଶନ କରିବା ପରେ ମେଳଣକୁ ଆସୁଥିବା ୧୭ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଘଣ୍ଟ ସକୀର୍ତ୍ତନ ଓ ପାରମ୍ପରିକ ବାଦ୍ୟ ଶୋଭାଯାତ୍ରାରେ ପଟୁଆର ମଧ୍ୟରେ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ରାଜା ରାଜୁଡା ସମୟରୁ ଏହି ମେଳଣଟି ଆଜି ରାଜାଙ୍କ ଇଲାକାରେ ହେଉଥିବାରୁ ପାରମ୍ପରିକ ରିତୀନିତୀ ଅନୁସାରେ ହୋଇଥାଏ। କେବଳ ଭୋଗ ଡାଲା ନୈବିଦ୍ୟ ହେବା ପରେ ମେଳଣଟି ଉଦ୍‌ଯାପିତ ହୋଇଥିଲା। ମେଳଣକୁ ଲକ୍ଷ୍ମୀକାନ୍ତ ମହାନ୍ତି, ପ୍ରସନ୍ନ କୁମାର ମିଶ୍ର, ଅନନ୍ତ କିଶୋର ପଣ୍ଡା, ଅକ୍ଷୟ କୁମାର ମିଶ୍ର ଓ ସୁଶାନ୍ତ କୁମାର ମିଶ୍ରଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।



ମେଳଣ ନିମନ୍ତେ ଏକାଠି ହୋଇଥିବା ଠାକୁର।

ସେହିପରି ବ୍ଲକ ଅଧିନ କୁଶିଆପାଳ ପଞ୍ଚାୟତ କୁଶିଆପାଳ ଗ୍ରାମ ସ୍ଥିତ ମା' କ୍ଷେତ୍ରକାଳୀଙ୍କ ପୀଠରେ ମହା ଆଡମ୍ବରରେ ଶନିବାର ଏହି ମେଳଣଟି ଅନୁଷ୍ଠିତ ହୋଇଯାଇଛି। ବହୁ ପ୍ରାଚୀନ ଏହି ମେଳଣଟି ପାରମ୍ପରିକ ରିତୀନିତୀ ଅନୁଯାଇ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମେ ବାଲିପାଟଣାସ୍ଥିତ ଶ୍ରୀ ଲଛମନଜୀଉଙ୍କ ବିମାନ ଉପବେଶନ କରିଥିଲେ। ପରେ ଅନ୍ୟ ବିମାନଗୁଡିକ ପାରମ୍ପରିକ ଘଣ୍ଟ ସଂକୀର୍ତ୍ତନ ଓ ବାଦ୍ୟ ମଧ୍ୟରେ ପଡିଆକୁ ପ୍ରବେଶ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ଏହି ମେଳଣ ଚଳିତ ବର୍ଷ ଶୃଙ୍ଖଳାର ସହ ଆଜି ଶନିବାର ବିଳମ୍ବିତ ରାତିରେ ଶେଷ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲୋରୀ



@ ସୁପ୍ରିୟା



@ ସୂର୍ଯ୍ୟକାନ୍ତ



@ ସୁଶୀଲ



@ ଜିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୋଗାଣ ବିଭାଗର ୪ ଜଣିଆ ଟିମ୍‌ର ତଦନ୍ତ



ଜୁଣଗଡ଼ି ଗାଁରେ ଯୋଗାଣ ବିଭାଗ ଅଧିକାରୀମାନେ ତଦନ୍ତ କରୁଛନ୍ତି।

**ରାଜନଗର, ୨୮।୨ (ଭାସ୍କର ରାଉତରାୟ)**

**ଚାଷୀ ଆଖି ବୁଜିବା ଘଟଣା**

କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଜୁଣଗଡି ଗାଁର ଚାଷୀ ତ୍ରିଲୋଚନ ନାୟକ (୫୩) ମିଲର ନିର୍ଯାତନା ସହିନପାରି ଆଖି ବୁଜିଛନ୍ତି। ଶନିବାର କେନ୍ଦ୍ରପଡା ଯୋଗାଣ ବିଭାଗ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରୀତମ ଦାସଙ୍କ ନେତୃତ୍ୱରେ ସହକାରୀ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୂର୍ଣ୍ଣିମ ଜେନା, ଡାଙ୍ଗମାଳ ସେବା ସମବାୟ ସମିତିର ଦେବଶ୍ରୀ ମାର୍ଥା, ରାମଚଣ୍ଡୀ ରାଇସ ମିଲ ଓ ମୃତ ଚାଷୀଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ତଦନ୍ତକାରୀ ଟିମ୍ ପ୍ରଥମେ ଡାଙ୍ଗମାଳ ସେବା ସମବାୟ ସମିତିରେ ପହଞ୍ଚି ଧାନ କିଣା ଦାୟିତ୍ୱରେ ଥିବା ସହ ସମ୍ପାଦକ ବିଜୟ କୁମାର ସାଇଁଙ୍କ ସହ ଆଲୋଚନା କରିଥିଲେ। ଏହାପରେ ମୃତ ଚାଷୀ ତ୍ରିଲୋଚନଙ୍କ ଘରେ ପହଞ୍ଚିଥିଲେ। ମୃତ ତ୍ରିଲୋଚନଙ୍କ ସ୍ତ୍ରୀ ଭାରତୀ ନାୟକ, ଭାଇ ଦୁର୍ଯ୍ୟୋଧନ ଓ ତାଙ୍କ ପୁଅଙ୍କ ସହ ଆଲୋଚନା କରିଥିଲେ। ଘଟଣା ସମ୍ପର୍କରେ ବୁଝିଥିଲେ। ଆମେ ମିଲରେ ଧାନ ଦେଇଛୁ ବୋଲି ମୃତ ଚାଷୀଙ୍କ ପରିବାର ଲୋକେ ତଦନ୍ତକରି ଟିମ ଆଗରେ କହିଥିଲେ। ଏହା ପରେ ରାମଚଣ୍ଡୀ ରାଇସ୍‌ମିଲ ଯାଇ ତଦନ୍ତ କରିଥିଲେ । ଏ ସମ୍ପର୍କରେ ସହକାରୀ ଯୋଗାଣ ଅଧିକାରୀ ପ୍ରୀତମ ଦାସଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଦେବୁ ସେ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଦାରୁ ବିଗ୍ରହ ନିମନ୍ତେ ଲିମ୍ବଗଛ ପୂଜାର୍ଚ୍ଚନା

ଗଣିଆ,୨୮।୨(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ବନାଞ୍ଚଳ ଅଧୀନ ଗଣିଆ ଗ୍ରାମର ବ୍ରାହ୍ମଣ ଶାସନର ସରୋଜ କୁମାର ଦାଶଙ୍କ ବାଡ଼ିରେ ଲିମ୍ବଗଛକୁ ପାରାଦୀପର ମଧୁବନ ଜଗନ୍ନାଥ ମନ୍ଦିରର ବିଗ୍ରହ ନିମନ୍ତେ ଶନିବାର ପୂଜାର୍ଚ୍ଚନା କରାଯାଇଛି। ଏଥିପାଇଁ ଗଛମୂଳରେ ହୋମଯଜ୍ଞ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ପାରାଦୀପ ମଧୁବନ ଜଗନ୍ନାଥ ମନ୍ଦିରର ତ୍ରିଲୋଚନ ପଣ୍ଡା, ମନ୍ଦିର ଟ୍ରଷ୍ଟି ପ୍ରଶାନ୍ତ ମହାରଣା, ପାରାଦୀପ ପୋର୍ଟ ମୁଖ୍ୟଯନ୍ତ୍ରୀ ହିମାଂଶୁ ରାଉତ, ଅବସରପ୍ରାପ୍ତ ଆରସିସିଏଫ୍ ମନୋଜ ମହାପାତ୍ର, ଗଣିଆ ବନାଞ୍ଚଳ ଅଧିକାରୀ ସବ୍‌ନମ ସାହୁ, ବନପାଳ ମନୋଜ ପ୍ରଭାକର ସାହୁଙ୍କ ସମେତ ମନ୍ଦିର କମିଟିର ୨୦ରୁ ଅଧିକ ସଦସ୍ୟ ଉପସ୍ଥିତ ଥିଲେ। ଭକ୍ତମାନଙ୍କ ଦ୍ୱାରା ଖୋଳ କୀର୍ତ୍ତନ ଶଙ୍ଖ ହୁଳହୁଳି ସହ ଦାରୁ ବିଗ୍ରହ ନିମନ୍ତେ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ବୃକ୍ଷଛେଦନ କରାଯିବ ବୋଲି ମନ୍ଦିର ଟ୍ରଷ୍ଟି ମହାରଣା କହିଥିଲେ।

# ଖୋଲାଖୋଲି କପି, ୮ ଧରାପଡ଼ିଲେ

- ୨ ଘଣ୍ଟା ବିଳମ୍ବରେ ହବ୍ କଲେଜ ଫେରାଇଲା ଖାତା
- ସନ୍ଦେହ ଘେରରେ ଅଧକ୍ଷାଙ୍କ କାର୍ଯ୍ୟ

ନୟାଗଡ଼/ ରଣପୁର,୨୮।୨ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ଯୁକ୍ତ ୨ ପରୀକ୍ଷାରେ ଶନିବାର ପଦାର୍ଥ ବିଜ୍ଞାନ ଥିଲା। ରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଧିରେ ଖୁଲମଖୁଲା କପି ଚାଲିଥିବାର ଅଭିଯୋଗ ପାଇ ୨ଟି ସେଣ୍ଟ୍ରାଲ ସ୍କ୍ୱାର୍ଡ ଅଚାନକ ପହଞ୍ଚି ଅନୁଧ୍ୟାନ କରିଥିଲେ। ପରେ କପି ଚାଲିଥିବାର ଗୁମର ଖୋଲି ୮ ଜଣ ପରୀକ୍ଷାର୍ଥୀଙ୍କୁ ମାଲ ପ୍ରାକ୍ଟିସ(ଏମପି)ରେ ବୁକ୍ କରାଯାଇଛି। ଅନ୍ୟପକ୍ଷେ ରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହବ୍ କେନ୍ଦ୍ର ହୋଇଥିବାବେଳେ ଏଠାରୁ ପରୀକ୍ଷା ଖାତା ୨ ଘଣ୍ଟା ବିଳମ୍ବରେ ଶନିବାର ମିଳିଥିବା ଅଭିଯୋଗ ହୋଇଛି। କିନ୍ତୁ ରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧିନରେ ୩୦ କି.ମି.ଦୂରରେ ଥିବା ଗୋଡିପଡା, ୨୫ କି.ମି. ଦୂରରେ ଥିବା ବଉଳସାହି ଓ ୨୦ କି.ମି.ଦୂରରେ ଥିବା କେନ୍ଦୁଡ଼ିପି ଜୋନ୍‌ଗୁଡିକରୁ ଉତ୍ତର ଖାତା ଠିକ ସମୟରେ ପହଞ୍ଚିଥିଲା।

ସୂଚନା ଅନୁସାରେ, ପରୀକ୍ଷାକୁ କଡାକଡି କରିବା ପାଇଁ କେନ୍ଦ୍ରରେ ସିସିଟିଭି ଲାଗିଛି। ତେବେ ସିସିଟିଭିକୁ ଚକମା ଦେଖାଇ ରଣପୁର କଲେଜର ପରୀକ୍ଷା କେନ୍ଦ୍ରରେ କପି ହେଉଥିବାର ଅଭିଯୋଗ ହୋଇ ଆସୁଥିଲା। ଏପରିକି ଏନେଇ ଉଚ୍ଚ ମାଧ୍ୟମିକ ପରିଷଦ ଭୁବନେଶ୍ୱର କଣ୍ଟ୍ରୋଲରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ କଣ୍ଟ୍ରୋଲର ୨ ଜଣ ସେଣ୍ଟ୍ରାଲ ସ୍କ୍ୱାର୍ଡଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ସ୍କ୍ୱାର୍ଡ କଲେଜରେ ପହଞ୍ଚି କପି ହେଉଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସଙ୍ଗେ ସଙ୍ଗେ କପି ଧରି ୮ଜଣଙ୍କୁ ମାଲ ପ୍ରାକ୍ଟିସ କରିବା ପରେ କପି ହେଉଥିବା ପ୍ରମାଣିତ ହୋଇଛି। ଅନ୍ୟପକ୍ଷେ ପରୀକ୍ଷା ଶେଷ ପରେ ଉତ୍ତର ଖାତାରେ ଲେଖାଯାଉଥିବା ଅଭିଯୋଗ ପୁଣି ଉଠିଛି। କଲେଜର କିଛି କର୍ମଚାରୀ ଓ ଅଧ୍ୟକ୍ଷ ଏଥିରେ ନିୟୋଜିତ ଥିବା କୁହାଯାଉଛି। ପରୀକ୍ଷାରେ କପି ବନ୍ଦ ହୋଇଯିବା ଓ ସେଣ୍ଟ୍ରାଲ ସ୍କ୍ୱାର୍ଡ ଚାଲିଯିବା ପରେ ଉତ୍ତର ଖାତା ଡେରିରେ ଫେରାଇବା ସନ୍ଦେହ ବଢ଼ିଛି। ଏନେଇ କଲେଜର କେତେକ ଛାତ୍ର ଓ କର୍ମଚାରୀ ନିଜ ନାଁ ଗୋପନ ରଖି କହିଛନ୍ତି, ଯେଉଁମାନେ ମୋଟା ଅଙ୍କର ଅର୍ଥ ଦେଉଛନ୍ତି ସେହି ପରୀକ୍ଷାର୍ଥୀ କପି କରିବାର ସୁଯୋଗ ପାଉଛନ୍ତି। କପି କରିବା ସମ୍ପର୍କରେ ଅଭିଯୋଗ କଲେ ଫେଲ କରିଦେବାର ଧମକ ଦିଆଯାଉଛି। କଲେଜର କିଛି କର୍ମଚାରୀ କୋଚିଂ ସେଣ୍ଟର କରି ପରୀକ୍ଷା ସମୟରେ କପି କରିବାର ପ୍ରୋତ୍ସାହନ ଦେଉଛନ୍ତି। ଶନିବାର କପି କରାଯିବା ବନ୍ଦ ହୋଇ ପରେ ଖାତାରେ କେତେକ ପରୀକ୍ଷାର୍ଥୀଙ୍କୁ ଉତ୍ତର ଲେଖିବାର ସୁଯୋଗ ଦିଆଯାଇଛି। ଯାହାକି ତଦନ୍ତ ସାପେକ୍ଷ। ଏଣୁ କଲେଜରେ ବିଶୃଙ୍ଖଳା ବଢ଼ି ଚାଲିଛି। ଅଧ୍ୟକ୍ଷଙ୍କୁ ଅଭିଯୋଗ କଲେ ସୁଫଳ ମିଳୁନି ବୋଲି କହିଛନ୍ତି। ଏଣୁ ଉଚ୍ଚ ମାଧ୍ୟମିକ ପରିଷଦ ଓ ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ନିବେଦନ କରିଛନ୍ତି। ଏନେଇ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ରଙ୍କ ୯୪୩୭୬ ୭୭୯୪୮କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲା। ହେଲେ ଅଧ୍ୟକ୍ଷ ଫୋନ ନ ଉଠାଇ ସୁଇଚ୍ ଅଫ କରିଦେଇ ଥିଲେ। ରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ର ହବ୍ ସୁପରଭାଇଜର ଦୟାନିଧି ବରାଳ କୁହନ୍ତି, ସବୁ ଜୋନ୍ କେନ୍ଦ୍ର ଗୁଡିକରୁ ଅପରାହ୍ନ ୧ଟା ପରେ ଉତ୍ତର ଖାତା ମିଳିଥିଲା। କିନ୍ତୁ ରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯେଉଁଠାରେ ହବ୍ ହୋଇଛି ସେଠାରୁ ୨ ଘଣ୍ଟା ବିଳମ୍ବରେ ଉତ୍ତର ଖାତା ମିଳିଛି ବୋଲି କହିଥିଲେ।

ଧରିତ୍ରୀ DHARITRI ସେଲ୍‌ଫି କର୍ଣ୍ଣର

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲୋରୀ



@ ସୁପ୍ରିୟା



@ ସୂର୍ଯ୍ୟକାନ୍ତ



@ ସୁଶୀଲ



@ ଜିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୃତକଙ୍କ ପରିବାରକୁ ଭେଟିଲା ଜିଲା କଂଗ୍ରେସ କମିଟି

**ବେଲପଡ଼ା ଛାତ୍ର ମୃତ୍ୟୁ ଘଟଣା**

**୧ କୋଟି ସହାୟତା, ଜଣକୁ ଚାକିରି ଦାବି**

ଗଣିଆ,୨୮।୨(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ବେଲପଡ଼ାପାଟଣା ସ୍କୁଲର ମୃତକ ଛାତ୍ରଙ୍କ ପରିବାର ବର୍ଗଙ୍କୁ ଶନିବାର ଭେଟିଛି ନୟାଗଡ଼ ଜିଲା କଂଗ୍ରେସ ମଣ୍ଡଳୀ। ଓ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲିକ ଓ ଜିଲା ସଭାପତି ରଣଜିତ ଦାଶଙ୍କ ସମେତ ଗଣିଆ କଂଗ୍ରେସ ସଭାପତି ହଲିମ ଖାଁ, ଦଶପଲା କଂଗ୍ରେସ ସଭାପତି, ନୂଆଗାଁ କଂଗ୍ରେସ ସଭାପତି, ଜିଲା ଛାତ୍ର ସଭାପତି ଶିବ ରଞ୍ଜନ ସାହୁ, କଂଗ୍ରେସ ଜିଲା ଉପସଭାପତି ସୁକାନ୍ତ କୁମାର ଶତପଥି ଓ ଫକୀର ଚରଣ ମଲ୍ଲ, ସାଧାରଣ ସମ୍ପାଦକ ଲଡୁ କିଶୋର ଷଡଙ୍ଗୀ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

ସୂଚନାଯୋଗ୍ୟ, ଗଣିଆ ଥାନା ଅନ୍ତର୍ଗତ ବେଲପଡ଼ା ମଲିକ ସାହିର ବିଜୟ ମଲିକଙ୍କ ପୁତ୍ର ଭୋଳାନାଥ ମଲିକ(୧୦) ବେଲପ ସରକାରୀ ପ୍ରାଥମିକ ବିଦ୍ୟାଳୟର ୫ମଶ୍ରେଣୀ ଛାତ୍ର ବିଦ୍ୟାଳୟରୁ ନିଖୋଜ ଥିବାବେଳେ ତାଙ୍କ ମୃତଦେହ ବେଲପଡା ଗ୍ରାମ ନିକଟସ୍ଥ ମଙ୍ଗଳା ମନ୍ଦିର ନିକଟସ୍ଥ ଏକ କୂଅରୁ ଉଦ୍ଧାର ହୋଇଥିଲା। ପରିବାର ଲୋକ ପୁଅ ଭୋଳାନାଥଙ୍କୁ ହତ୍ୟା କରାଯାଇ କୂଅରେ ଫିଙ୍ଗି ଦିଆଯାଇଥିବା ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ଘଟଣା ନେଇ ରାସ୍ତାରୋକୋଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହା ପଛରେ ଛୁଆଁ ଅଛୁଆଁ ଭେଦଭାବ ରହିଛି ବୋଲି କହିଥିଲେ। ମୃତକଙ୍କ ପରିବାରର ଭୋଳାନାଥ ଏକମାତ୍ର ପୁଅ ହୋଇଥିବାରୁ ୧ କୋଟି ଟଙ୍କା ଅର୍ଥରାଶିର ସହାୟତା, ଭଉଣୀଙ୍କୁ ସରକାରୀ ଚାକିରୀ ଦେବାକୁ ଜିଲାପାଳଙ୍କ ନିକଟରେ ଜିଲା କଂଗ୍ରେସ କମିଟି ତରଫରୁ ଦାବୀ କରାଯାଇଛି ବୋଲି ଜିଲା ସଭାପତି ଦାସ କହିଛନ୍ତି। ଜିଲାପାଳଙ୍କୁ ଏକ ସପ୍ତାହ ଅର୍ଥାତ ଆସନ୍ତା ବୁଧବାର ପର୍ଯ୍ୟନ୍ତ ନିଷ୍ପତି ନେବାକୁ କୁହାଯାଇଛି। ଯଦି ୭ଦିନ ମଧ୍ୟରେ ଦାବୀ ପୂରଣ କରା ନ ଯାଏ ତେବେ ବେଲପଡା ଗ୍ରାମରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜିଲା କଂଗ୍ରେସ ଓ ରାଜ୍ୟ କଂଗ୍ରେସର ମିଳିତ ସହଯୋଗରେ ହଜାର ହଜାର କଂଗ୍ରେସ କର୍ମୀ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲିକ ଚେତାବନୀ ଦେଇଛନ୍ତି।



କଂଗ୍ରେସ କର୍ମକର୍ତ୍ତାମାନେ ପରିବାର ସହ ଆଲୋଚନା କରୁଛନ୍ତି।

# ଗୃହରକ୍ଷୀଙ୍କୁ ବାନ୍ଧି ସଭାରେ ମାଡ଼

- ପୁଆଁଣିଆ ଗାଁରେ କଙ୍ଗାରୁ କୋର୍ଟ
- ଅଟକ ୨ ଭାଇ ଜେଲ ଗଲେ
- ଭୟରେ ଗାଁ ଛାଡ଼ିଲେ ଗୃହରକ୍ଷୀଙ୍କ ପରିବାର



ଆହତ ଗ୍ରାମରକ୍ଷୀ ସୁଶାନ୍ତ ସାହୁ।

ନୟାଗଡ଼/ଶରଣକୁଳ, ୨୮।୨ (ଲୋକନାଥ ମିଶ୍ର/ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ଥାନା ପୁଆଁଣିଆ ଗାଁରେ କଙ୍ଗାରୁ କୋର୍ଟ କରି ଗୃହରକ୍ଷୀଙ୍କୁ ମାଡ଼ମାରିବା ଘଟଣାରେ ଅଟକ ଥିବା ଦୁଇ ଭାଇ କାହ୍ନୁ ମହାପାତ୍ର ଓ ଦୀପୁ ମହାପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଶୁକ୍ରବାର ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ କଙ୍ଗାରୁ କୋର୍ଟ ପରେ ଗାଁରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କରେ ଅଭିଯୋଗ ପରେ ପୋଲିସ ନଂ.୩୧/୨୬ରେ ମାମଲା ରୁଜୁ କରି ତଦନ୍ତ ପରେ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ସେପଟେ କଙ୍ଗାରୁ କୋର୍ଟ ପରେ ଗୃହରକ୍ଷୀଙ୍କ ପରିବାର ଲଜ୍ଜା ଓ ଭୟରେ ଗାଁ ଛାଡିଛନ୍ତି। ଅଭିଯୋଗ ଅନୁସାରେ ପୁଆଁଣିଆ ଗାଁରେ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାମାଜିକ ନାଟକ ପରିବେଷଣ ପାଇଁ ଯୁବକମାନେ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ପ୍ରତ୍ୟହ ରାତିରେ ରିହରସାଲ କରୁଥିଲେ। ଗତ ୨୩ ତାରିଖ ରାତିର ଘଟଣା। ଗାଁର ବୃନ୍ଦାବନ ସାହୁଙ୍କ ସାନପୁଅ ଗୃହରକ୍ଷୀ ଚାକିରି କରିଥିବା ସୁଶାନ୍ତ କୁମାର ସାହୁ ରିହରସାଲ ଦେଖିବା ପାଇଁ ତ୍ରିନାଥ ମନ୍ଦିର ନିକଟକୁ ଯାଇଥିଲେ। ନାଟକର କେତେକ ଚରିତ୍ର ଠିକ୍ ଭାବେ ଅଭିନୟ କରିପାରୁ ନ ଥିବାରୁ ସେ କିଛି ଟିପ୍ପଣୀ ଦେଇଥିଲେ। ଏହି ସମୟରେ ସୁଶାନ୍ତଙ୍କ ଟିପ୍ପଣୀକୁ ବିରୋଧ କରି ଗାଁର ଗୋଟିଏ ପରିବାରର ହୁରି ମହାପାତ୍ର, ଉଲା ମହାପାତ୍ର, କାହ୍ନୁ ମହାପାତ୍ର ଓ ଦୀପୁ ମହାପାତ୍ର ମିଳିତ ଭାବେ ଆକ୍ରମଣ କରିଥିଲେ। ମିଳିତ ଆକ୍ରମଣରେ ସୁଶାନ୍ତ ଆହତ ହୋଇଥିଲେ। ଖବର ପାଇ ସୁଶାନ୍ତଙ୍କ ମା' ଅହଲ୍ୟା ଘଟଣାସ୍ଥଳରେ ପହଞ୍ଚି ସମାଧାନ କରିବାକୁ ଉଦ୍ୟମ କରିଥିଲେ। ତେବେ ଘଟଣାସ୍ଥଳରେ ଅହଲ୍ୟା ମଧ୍ୟ ରୋଷର ଶିକାର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଫଳରେ ମା'ପୁଅ ରକ୍ଷା ପାଇଲେ। ତେବେ ୨୪ ତାରିଖ ସକାଳୁ ଗାଁ ମନ୍ଦିର ନିକଟରେ ନାଚ ଷ୍ଟେଜରେ କଙ୍ଗାରୁ କୋର୍ଟ ବସିଥିଲା। କୋର୍ଟକୁ ସୁଶାନ୍ତଙ୍କ ବଡ଼ଭାଇ ଭାସ୍କରଙ୍କୁ ଡକାଇ ଏକ ସାଦା କାଗଜରେ ଦସ୍ତଖତ ନିଆଯାଇଥିଲା। ପରେ ଘଟଣାର ସମାଧାନ ବଦଳରେ ପୁଣି ସୁଶାନ୍ତଙ୍କୁ ମାଡ଼ ମରାଯାଇଥିଲା। ମା' ଓ ଭଉଣୀ ଭଦ୍ରଲୋକଙ୍କୁ ମୁଣ୍ଡିଆ ମାରି ସୁଶାନ୍ତକୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ସୁଶାନ୍ତ ଅଭିଯୋଗ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଶ୍ୱଶୁର ମୃତ, ଜ୍ୱାଇଁ ଗୁରୁତର

- ବାଇକ୍‌ରେ ଯାଉଥିଲେ ଶ୍ୱଶୁର, ଜ୍ୱାଇଁ
- କ୍ଷତିପୂରଣ, ଓଭରବ୍ରିଜ ପାଇଁ ରାସ୍ତାରୋକୋ

ନୟାଗଡ଼,୨୮।୨(ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ନୂତନ ବାଇପାସ୍ ଉଦ୍‌ଘାଟନ ହୋଇ ନ ଥିବାବେଳେ ସଡ଼କ ଦୁର୍ଘଟଣାରେ ଜଣଙ୍କର ଜୀବନ ଚାଲିଯାଇଛି। ବାଇପାସ୍‌ର ସୁନାଲଟି ବାଘେରା ରାସ୍ତା ଅଞ୍ଚଳରେ ଅଜଣା ଗାଡ଼ି ଧକ୍କାରେ ଶ୍ୱଶୁରଙ୍କର ମୃତ୍ୟୁ ହୋଇଥିବାବେଳେ ଜ୍ୱାଇଁ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୌତମ ଗୋଛି (୫୯)। ଗୁରୁତର ଜ୍ୱାଇଁ ହେଲେ କଟକ ଜିଲା ବୈଦେଶ୍ୱର ଥାନା ଘୋଳଗଣ୍ଡ ଗାଁର ଅନୀଲ ପ୍ରଧାନ।

ଘର ଇଟାମାଟି ଥାନା ଇକରି ପଞ୍ଚାୟତ ଟିପୁରା ଗାଁରେ। ଦୁର୍ଘଟଣା ଖବର ଜଣାପଡ଼ିବା ପରେ ଘଟଣାସ୍ଥଳରେ ୧୧ଟା ୩୦ରୁ ରାସ୍ତାରୋକୋ ହୋଇଥିଲା। ଏଥିରେ ଟିପୁରା, ସୁନାଲଟି, ନୂଆଗାଁ, ବରକୋଳ, ବିରୁଡ଼ା ଓ ବାଘେରା ଗାଁ ଲୋକମାନେ ସାମିଲ ହୋଇଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ସୁନାଲଟି ବାଘେରା ରାସ୍ତା ନିକଟରେ ଓଭରବ୍ରିଜ୍ କରିବା ପାଇଁ ରାସ୍ତାରୋକୋ ହୋଇଥିଲା। ପୂର୍ବରୁ ଓଭରବ୍ରିଜ୍ ପାଇଁ ଟିପୁରା, ସୁନାଲଟି, ନୂଆଗାଁ, ବରକୋଳ, ବିରୁଡା, ବାଘେରା ଗାଁ ଲୋକ ଜିଲାପାଳ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ଦୁର୍ଘଟଣା ପରେ ଦାବି ତ୍ୱରାନ୍ୱିତ ହୋଇଛି। ଦୁର୍ଘଟଣା ଖବର ପାଇ ଇଟାମାଟି ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳିନଥିଲା। ନୟାଗଡ଼ ତହସିଲଦାର ରାଜେଶ କୁମାର ସ୍ୱାଇଁ ପହଞ୍ଚି ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ ରେଡକ୍ରସ୍‌ରୁ ୧୦ ହଜାର ଟଙ୍କା ଏବଂ ଓଭରବ୍ରିଜ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ରାସ୍ତାରୋକୋ ହଟିଥିଲା। ସୂଚନା ଅନୁସାରେ, ଟିପୁରା ଗାଁର ଗୌତମ ଗୋଛି ଜ୍ୱାଇଁଙ୍କ ବାଇକ୍ ନଂ. ଓଡି୦୫ ବି ୧୦୮୭ରେ ବସି ଇଟାମାଟିରୁ ଘରକୁ ଫେରୁଥିଲେ। ବିପରୀତ ଦିଗ ପଣ୍ଡୁସର ଆଡୁ ଏକ ଅଜଣା ଗାଡି ଦ୍ରୁତ ଗତିରେ ଆସି ଧକ୍କା ଦେଇ ପଳାଇ ଯାଇଥିଲା। ଦୁର୍ଘଟଣା ସମୟରେ ବାଇପାସ୍‌ରେ କିଛି ଲୋକ ଉପସ୍ଥିତ ଥିଲେ। ସମ୍ପୃକ୍ତ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଶ୍ୱଶୁରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜ୍ୱାଇଁଙ୍କର ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତ କୁହନ୍ତି ଦୁର୍ଘଟଣାରେ ମୃତକ ବ୍ୟକ୍ତିଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଗୌତମ ଗୋଛିଙ୍କ ସ୍ତ୍ରୀ ବାସନ୍ତୀଙ୍କ ଅଭିଯୋଗ କ୍ରମେ ନଂ. ୬୮/୨୬ରେ ମାମଲା ରୁଜୁ କରାଯାଇ ବାଇକ୍ ଜବତ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି।

## ବାଇପାସ୍ ରାସ୍ତା ଆରମ୍ଭରୁ ମାଟି ହଟୁନି

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ପଣ୍ଡୁସରଠାରୁ ବାହାରି ମାଙ୍କପଲ୍ଲୀ ଠାରେ ପୁଣି ଜାତୀୟ ରାଜପଥରେ ମିଶିଛି। ସମ୍ପୃକ୍ତ ରାସ୍ତା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଉଦ୍‌ଘାଟନ ହୋଇ ପାରିନାହିଁ। ତେବେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଅଞ୍ଚଳକୁ ବାଇପାସ୍‌ରେ ଯାନବାହନ ଚଳାଚଳ କରୁଛି। ଅନ୍ୟପକ୍ଷେ ପଣ୍ଡୁସରଠାରେ ବାଇପାସ୍ ରାସ୍ତା ଆରମ୍ଭ ସ୍ଥାନରେ କେତେକ ଅଂଶ ମାଟି ରାସ୍ତା ରହିଛି। ପୁରୁଣା ରାଜପଥରେ ମାଟି ପୋତି ହୋଇ ରହିଥିଲେ ମଧ୍ୟ ଏହାକୁ ସଫେଇ କରାଯାଇନି, ଯାହାକି ବାଇପାସ୍ ଓ ଜାତୀୟ ରାଜପଥ ରାସ୍ତାରେ ଖାଲ ହୋଇ ରହିଛି। ଆରମ୍ଭ ସ୍ଥାନରେ ଜାତୀୟ ରାଜପଥ ଓ ବାଇପାସ୍ ରାସ୍ତା ସମାନ ରହିବାର ଆବଶ୍ୟକତା ରହିଥିଲେ ହେଁ ଅଣଦେଖା କରାଯାଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ହେଉଛି। ବର୍ଷାଋତୁରେ ମାଟିରେ ପାଣି ଜମି କାଦୁଅ ହୋଇ ଅନୁରୂପ ଭାବେ ଦୁର୍ଘଟଣା ହେଉଛି। ଗତ ୬ମାସ ମଧ୍ୟରେ ଏଠାରେ ୩୨ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିବା ବେସରକାରୀ ଭାବେ ଜଣାପଡିଛି। ଏବେ ଏଠାରେ ପିଚୁ ପଡୁଥିଲେ ମଧ୍ୟ ବାଇପାସ୍ ଓ ରାଜପଥର ଅସମାନସ୍ଥଳୀ ତଥା ମାଟି ଅଞ୍ଚଳ ପାଇଁ ମିଶ୍ରଣ ବ୍ୟବସ୍ଥା କରାଯାଇନି। ମାଟିଥିବା ରାସ୍ତାକୁ ସମାନ ନ କରି ବାଇପାସ୍ ରାସ୍ତା ଉଦ୍‌ଘାଟନ କଲେ ଦୁର୍ଘଟଣାରେ ମୃତ୍ୟୁ ଓ ଆହତଙ୍କ ସଂଖ୍ୟା ବଢ଼ି ଚାଲିବ ବୋଲି କୁହାଯାଉଛି।

# ମହିଳା ଫୁଟ୍‌ବଲ ପ୍ରଦର୍ଶନୀ ମ୍ୟାଚ ଅମୀମାଂସିତ

**ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଖଣ୍ଡପଡା,୨୮।୨(ଅଜୟ କୁମାର ମହାରଣା)

ଖଣ୍ଡପଡା ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମ୍ ପରିସରରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶନିବାର ୭ମ ଦିବସରେ ମହିଳା ଫୁଟ୍‌ବଲ ପଦର୍ଶନୀ ଦେଖିବାକୁ ହଜାର ହଜାର ସଂଖ୍ୟକ ନସାଧାରଣଙ୍କ ସମାଗମ ହୋଇଥିଲା। ମ୍ୟାଚରେ କେନ୍ଦ୍ରାପଡା ଓ ଭୁବନେଶ୍ୱର ମଧ୍ୟରେ ମୁକାବିଲା ହୋଇଥିଲା। ତେବେ ଏହି ମ୍ୟାଚଟି ଗୋଲଶୂନ୍ୟ ଭାବରେ ଅମିମାଂସିତ ଭାବରେ ସମ୍ପନ୍ନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲାପାଳ ମଧୁମିତା ରଥ, ସମ୍ମାନିତ ଅତିଥି ଖଣ୍ଡପଡା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ,ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱଚ୍ଛ ସଲୀଳା ମହାପାତ୍ର, ଖଣ୍ଡପଡା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଦନ ମୋହନ ପ୍ରଧାନ, ଭାଜପା ଜିଲା ପ୍ରଭାରୀ ସୁରଥ ବିଶ୍ୱାଳ, ପଠାଣି ସାମନ୍ତ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରୀ ଭାବେ ସୁରଥ ଖୁଣ୍ଟିଆ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନ୍ସ୍‌ରେ ସୁବାସ ବେହେରା ଓ ବାପି ମହାନ୍ତି ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ କ୍ରୀଡା ଶିକ୍ଷକ ସମୀର ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ମାର୍ଚ୍ଚ ୧ରେ ପପୁଲାର କ୍ଲବ ଢେଙ୍କାନାଳ ଓ ବିଡାନାସୀ ଫୁଟ୍‌ବଲ ଏକାଡେମୀ କଟକ ମଧ୍ୟରେ ମୁକାବିଲା ହେବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଉଦ୍ୟୋକ୍ତା ତଥା ବିଶିଷ୍ଟ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କଠାରୁ ପ୍ରକାଶ।



ଅତିଥିଙ୍କ ସହ ମହିଳା ଫୁଟବଲ ଟିମ୍ ଖେଳାଳି।

